ବର୍ଷ-୨୬, ସଂଖ୍ୟା-୧୬୮
ଭୁବନେଶ୍ୱର
୨୪, ଜୁନ ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 168
Bubaneswar
24, June, 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

'ଇଟାହ'ର ଟିଜର ରିଲିଜ



# ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି

ଭୁବନେଶ୍ୱର, ୨୩।୬(ମହାଭାରତ) : ତାମିଲନାଡୁର ତିରୁଭଲ୍ଲୁର ଜିଲ୍ଲାର ଏକ ଘରୋଇ ସି-ଫୁଡ ପ୍ରକ୍ରିୟାକରଣରେ ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ୭କୁ ବୃଦ୍ଧି ପାଇଛି। ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ସଦର ଥାନା କୋଡିପଶା ଗ୍ରାମର ସଜନୀ ଜୁଆଙ୍ଗ। ମୃତଦେହକୁ ଓଡିଶା ପାଇଁ ଆଉ ଜଣେ ଅଧିକାରୀ ତାମିଲନାଡୁ ଯାଇଛନ୍ତି। ସେହିପରି ମୃତ ୫ଜଣ ଓଡ଼ିଆ ଶ୍ରମିକଙ୍କ ମୃତଦେହ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ପହଞ୍ଚିଛି। ମୃତଦେହଗୁଡିକ ଏକ ସ୍ୱତନ୍ତ୍ର

## ସହାୟତା ରାଶି ୧୦ ଲକ୍ଷକୁ ବୃଦ୍ଧି

ବିମାନରେ ଭୁବନେଶ୍ୱରରେ ପହଞ୍ଚିଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିମାନବନ୍ଦର ଯାଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ପୀଡିତ ପରିବାରମାନଙ୍କୁ ଭେଟିଛନ୍ତି।

ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ଅଭାବନୀୟ ଘଟଣା ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ପ୍ରକାଶ କରିଥିଲେ। ଏହା ସହିତ ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିଲେ। ପରେ ସେ ଏହି ସହାୟତା ରାଶିର ପରିମାଣକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଥିଲେ।



ସୂଚନାଯୋଗ୍ୟ, ଚଳିତ ମାସ ୨୧ ତାରିଖରେ ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ୭ଜଣ ଶ୍ରମିକଙ୍କର ମୃତ୍ୟୁ ଘଟିଥିଲା। ଏଥିରେ ଓଡିଆ ଶ୍ରମିକମାନଙ୍କର ସଂଖ୍ୟା ୫ ଥିଲା। ଅନେକଗୁଡିଏ ଶ୍ରମିକ ଗୁରୁତର ହୋଇଥିଲେ, ଯେଉଁମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ସଜନୀ ଜୁଆଙ୍ଗ ଓ ଜାମୁନି ଜୁଆଙ୍ଗଙ୍କର ମୃତ୍ୟୁ ହୋଇଥିଲା। ମୃତକ ଜାମୁନୀଙ୍କ ଘର କେନ୍ଦୁଝର ତେଲକୋଇ ବ୍ଲକ ଟାଙ୍ଗିରି ଗାଁରେ। ପୂର୍ବରୁ କେବଳ କେନ୍ଦୁଝର ଜିଲ୍ଲାରୁ ୫ ଜଣଙ୍କର ଜୀବନ ଯାଇଥିଲା। ତେଲକୋଇ ଟାଙ୍ଗିରି ଗାଁରୁ ମୋଟ ୧୮ ଜଣ ଯାଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କର ମୃତ୍ୟୁ ହୋଇଛି। ତାମିଲନାଡୁ ଗ୍ୟାସ୍ ଟ୍ରାଜେଡିରେ ମୋଟ ୯ ଜଣଙ୍କର ମୃତ୍ୟୁ ହୋଇଛି।

ଉଲ୍ଲେଖଯୋଗ୍ୟ, ଏହି ଅଭାବନୀୟ ଘଟଣା ସଂପର୍କରେ ଅବଗତ ହେଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଶ୍ରମ ବିଭାଗ ଓ ତାମିଲନାଡୁ ପ୍ରଶାସନ ସହ ନିରନ୍ତର ସମନ୍ୱୟ ରଖାଯାଉଛି। ମୃତ ଶ୍ରମିକମାନଙ୍କ ପରିଚୟ ସୁନିଶ୍ଚିତ କରାଯାଇଛି ଏବଂ ମୃତଦେହଗୁଡ଼ିକର ବ୍ୟବଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ସମ୍ମାନର ସହିତ ସେମାନଙ୍କ ଗାଁକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଆହତ ଶ୍ରମିକମାନଙ୍କ ଚିକିତ୍ସା ଉପରେ ସରକାର ନଜର ରଖିଛନ୍ତି ଏବଂ ଆବଶ୍ୟକ ସମସ୍ତ ସହାୟତା ଯୋଗାଇ ଦିଆଯାଉଛି। ପୀଡ଼ିତ ପରିବାରମାନଙ୍କୁ ସରକାରୀ ସହାୟତା ଏବଂ ନିୟମାନୁସାରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯାଇଛି।ଏଣେ, ଓଡ଼ିଶା ଟିମ୍ର ସଦସ୍ୟ ଏମ୍.ଏମ୍. ପାଇକ ଚେନ୍ନାଇରେ ରହି ଯୁଗ୍ମ ଶ୍ରମ ଆୟୁକ୍ତ ଏବଂ ସରକାରୀ ମେଡିକାଲ କଲେଜ ହସ୍ପିଟାଲର ଅଧିକାରୀମାନଙ୍କ ସହ ସମନ୍ୱୟ ରକ୍ଷା କରି ପୋଷ୍ଟମର୍ଟମ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ସମ୍ପାଦନ କରିଛନ୍ତି। ରାଜେଶ ଅଗ୍ରୱାଲା ଏବଂ ବି.ବି. ଆଚାର୍ଯ୍ୟ ଚେନ୍ନାଇରେ ପହଞ୍ଚିବା ପରେ ତିରୁଭାଲ୍ଲୁର ଅଭିମୁଖେ ଯାଇଥିଲେ। ସେଠାରେ ଚିକିତ୍ସାଧୀନ ଆହତ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟାବସ୍ଥାର ସମୀକ୍ଷା କରିଥିଲେ। କେତେକ ଆହତଙ୍କ ଅବସ୍ଥା ଏପର୍ଯ୍ୟନ୍ତ ସଙ୍କଟାପନ୍ନ ରହିଛି। ପ୍ରାୟ ୧୩୦ ଜଣ ଶ୍ରମିକଙ୍କୁ ନିକଟସ୍ଥ ଏକ ମଣ୍ଡପ/କମ୍ୟୁନିଟି ହଲ୍‌ରେ ରଖାଯାଇଛି। ସେମାନଙ୍କ ପାଇଁ ଖାଦ୍ୟ ଏବଂ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ଚେନ୍ନାଇ ଏବଂ ତିରୁଭାଲ୍ଲୁରର ବରିଷ୍ଠ ଶ୍ରମ ବିଭାଗୀୟ ଅଧିକାରୀମାନଙ୍କ ସହ ଯୋଗାଯୋଗ ସ୍ଥାପିତ ହୋଇଥିବାବେଳେ ସ୍ଥାନୀୟ ପ୍ରଶାସନ ସହ ସମନ୍ୱୟ ଜାରି ରହିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତିଷ

# ଓଡ଼ିଶାର ୩ ଜଣଙ୍କୁ ପଦ୍ମ



ନୂଆଦିଲ୍ଲୀ, ୨୩।୬: ଚଳିତ ବର୍ଷର ପଦ୍ମ ପୁରସ୍କାର ପ୍ରଦାନ ସମାରୋହରେ ରାଜ୍ୟର ତିନିଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ପଦ୍ମଶ୍ରୀ ସମ୍ମାନରେ ଭୂଷିତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭବନରେ ଆୟୋଜିତ ସମାରୋହରେ ଏହି ସମ୍ମାନ ପ୍ରଦାନ କରିଛନ୍ତି। ସାହିତ୍ୟ ଓ ଶିକ୍ଷା ପାଇଁ ଚରଣ ହେମ୍ବ୍ରମଙ୍କୁ ପଦ୍ମଶ୍ରୀ। କଳା ପାଇଁ ଶରତ ପାତ୍ର ଓ ସୀମାଞ୍ଚଳ ପାତ୍ରଙ୍କୁ ପଦ୍ମଶ୍ରୀ। ଶରତ ପାତ୍ର ହେଉଛନ୍ତି କଟକ ନୂଆପାଟଣା ମାଣିଆବନ୍ଧର ହସ୍ତତନ୍ତ ବୁଣାକାର। ଇକତ ଓ ବାନ୍ଧକଳାରେ ନିପୁଣତା ହାସଲ କରିଛନ୍ତି ଶରତ ପାତ୍ର। ଏବଂ ସୀମାଞ୍ଚଳ ପାତ୍ର ଗଂଜାମ ଅଂଚଳର ପ୍ରସିଦ୍ଧ ଲୋକ କଳାକାର। ତିନିଜଣ ଓଡ଼ିଆଙ୍କୁ ଏହି ସମ୍ମାନ ମିଳିବା ପରେ ରାଜ୍ୟବାସୀଙ୍କ ମଧ୍ୟରେ ଖୁସିର ଲହରୀ ଦେଖାଦେଇଛି। ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଉଛି।

ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୬୫ ବିଶିଷ୍ଟ ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ମିଳିଛି। ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏଥିରେ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ।ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ଯାଗନିକଙ୍କୁ ପଦ୍ମଭୂଷଣ, ଟେନିସ୍ ଲିଜେଣ୍ଡ ବିଜୟ ଅମ୍ରିତରାଜଙ୍କୁ ପଦ୍ମଭୂଷଣ, ମାଲାୟଲମ ସୁପରଷ୍ଟାର ମାମୁଥିଙ୍କୁ ମଧ୍ୟ ପଦ୍ମଭୂଷଣ ସମ୍ମାନ ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ମିଳିଛି। ମଙ୍ଗଳବାର ଏହି ପୁରସ୍କାର ପାଇଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ମଧ୍ୟରେ ଭେଟେରାନ୍ ମାଲାୟାଲମ୍ ଅଭିନେତା ମାମୁଟି ଓ ପ୍ରସିଦ୍ଧ ପ୍ରଚ୍ଛଦପଟ ଗାୟିକା ଅଲକା ଯାଜ୍ଞିକ ଅଛନ୍ତି। ଉଭୟଙ୍କୁ ଭାରତର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ ପଦ୍ମ ଭୂଷଣ ପ୍ରଦାନ କରାଯାଇଥିଲା। ସେମାନଙ୍କର ପୁରସ୍କାର ଯଥାକ୍ରମେ ଭାରତୀୟ ସିନେମା ଓ ସଙ୍ଗୀତ ପ୍ରତି ଦଶନ୍ଧିର ଅବଦାନକୁ ସ୍ୱୀକୃତି ଦେଇଛି।

# ଶ୍ରୀମନ୍ଦିର ପ୍ରଶାସନକୁ ପ୍ରେରଣ ହେଲା ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ

ଭୁବନେଶ୍ୱର, ୨୩।୬(ମହାଭାରତ) ସ୍ଥାନୀୟ ଶହୀଦ ନଗରସ୍ଥିତ ଓଡିଶା ସମବାୟ ଟସର ଓ ରେଶମ ମହାସଂଘ (ସେରିଫେଡ୍) କାର୍ଯ୍ୟାଳୟ ପରିସରରୁ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ଆଜି ପ୍ରେରଣ କରାଯାଇଛି । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ପତାକା ଦେଖାଇ ଏହାର ପ୍ରେରଣ କରିଥିଲେ । ପୂଜାର୍ଚ୍ଚନା କରି ବାସୁଙ୍ଗା ପାଟ ଶ୍ରୀମନ୍ଦିର ପ୍ରଶାସନକୁ ଏହା ପଠା ଯାଇଥିଲା ।

ସୂଚନଯୋଗ୍ୟ, ବାସୁଙ୍ଗା ପାଟ ହେଉଛି ଅତ୍ୟନ୍ତ ଶକ୍ତିଶାଳୀ ପବିତ୍ର ରେଶମ ଡୋର ଯାହା ଚତୁର୍ଦ୍ଧାମୁରତୀଙ୍କ ରଥଯାତ୍ରା ଓ ଅନ୍ୟାନ୍ୟ ପର୍ବପର୍ବାଣୀରେ ବ୍ୟବହୃତ ହୋଇଥାଏ । ଶ୍ରୀମନ୍ଦିରରେ ବିଗ୍ରହମାନଙ୍କର ବିଜୟ ଡୋରୀ, ପଇତା, ରାକ୍ଷୀ ଆଦି ତିଆରି କରିବାରେ ଏହାର ବ୍ୟବହାର ହୋଇଥାଏ । ୧୯୮୧ ମସିହାରୁ ପୁରୀ ଶ୍ରୀମନ୍ଦିର ପ୍ରଶାସନକୁ ସେରିଫେଡ୍ ବାସୁଙ୍ଗା ପାଟ ଯୋଗାଇ ଆସୁଛି । ଚଳିତବର୍ଷ ୩୮୦ କିଲୋଗ୍ରାମ ବାସୁଙ୍ଗା ପାଟ ଯୋଗାଇ ଦିଆଯାଇଛି ।ଏହି ବାସୁଙ୍ଗା ପାଟ ମଲବେରୀ ରେଶମ କୋଷାରୁ ପ୍ରସ୍ତୁତ କରାଯାଇଥାଏ । ଏହା ମୁଖ୍ୟତଃ ଗଜପତି ଜିଲ୍ଲାର ମୋହନା ଏବଂ ଆର. ଉଦୟଗିରୀ ବ୍ଲକର ଜନଜାତି ରେଶମ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ହୋଇଥାଏ । କୋରାପୁଟ ଜିଲ୍ଲାରୁ ସଂଗୃହୀତ କଇଥ ଫଳର ଅଠା ଲଗାଯାଇ ଏହାକୁ ରଙ୍ଗାୟିତ କରାଯାଇଥାଏ । ଏହି କୋଷାଗୁଡିକୁ ସେରିଫେଡ ଦ୍ୱାରା ସଂଗ୍ରହ କରାଯାଇ କଟକ ଜିଲ୍ଲାର ନୂଆପାଟଣା ସ୍ଥିତ ସିଲ୍କ ପ୍ରଡକ୍ସନ୍ ଆଣ୍ଡ ଟେକ୍ନିକାଲ ଅପଗ୍ରେଡେସନ୍ ସେଂଟର ଠାରେ ପ୍ରକ୍ରିୟାକରଣ କରାଯାଏ । ଏହି ବାସୁଙ୍ଗା ପାଟକୁ କେବଳ ଶ୍ରୀମନ୍ଦିରର ଧାର୍ମିକ କାର୍ଯ୍ୟ ପାଇଁ ପ୍ରସ୍ତୁତ କରାଯାଉଥିବା ବେଳେ ଏହାର କୌଣସି ବାଣିଜ୍ୟିକ ବ୍ୟବହାର କରାଯାଇନଥାଏ । ଏହି କାର୍ଯ୍ୟକ୍ରମରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପର ଆୟୁକ୍ତ ତଥା ଶାସନ ସଚିବ ଶ୍ରୀମତୀ ଗୁହା ପୁନମ ତାପସ କୁମାର, , ଅତିରିକ୍ତ ନିର୍ଦ୍ଦେଶକ (ରେଶମ) ସୂର୍ଯ୍ୟ ନାରାୟଣ ପଟ୍ଟନାୟକ, ସେରିଫେଡ୍ ସଭାପତି ଭାଗୀରଥି ନନ୍ଦ, ସମ୍ପାଦକ ସଂଗୀତା ମିଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ପୂର୍ଣ୍ଣ ରାଜ୍ୟକୁ ଛୁଇଁଲା ମୌସୁମୀ

ଭୁବନେଶ୍ୱର, ୨୩।୬(ମହାଭାରତ): ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମଙ୍ଗଳବାର ସାରା ରାଜ୍ୟକୁ ଛୁଇଁଛି । ୧୧ ଦିନରେ ମୌସୁମୀ ସାରା ରାଜ୍ୟକୁ ଛୁଇଁଛି । ଏ ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଜୁନ୍ ୧୨ରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ଅଭିମୁଖେ ଅଗ୍ରସର ହୋଇ ଜୁନ୍ ୧୬ ତାରିଖରେ ରାଜ୍ୟକୁ ଛୁଇଁଥିଲା । ଗତକାଲି ସୁଦ୍ଧା ବରଗଡ଼, ନବରଙ୍ଗପୁର ଏବଂ ଝାରସୁଗୁଡ଼ା, କଳାହାଣ୍ଡି, ସୋନପୁର ଏବଂ ସୁନ୍ଦରଗଡ଼ ଜିଲ୍ଲାକୁ ମୌସୁମୀ ଛୁଇଁଥିଲା । ଆଗାମୀ ୪୮ ଘଣ୍ଟା ମଧ୍ୟରେ ସାରା ରାଜ୍ୟକୁ ଛୁଇଁବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଥିଲା । ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ୩ ଦିନ ବିଳମ୍ବରେ ମୌସୁମୀ ଭାରତକୁ ପ୍ରବେଶ କରିଥିଲା । ଜୁନ୍ ୪ ତାରିଖରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ କେରଳମ୍ ଛୁଇଁଥିଲା । ସୁପର୍ ଏଲନିନୋ ପ୍ରଭାବ ଯୋଗୁଁ ମୌସୁମୀ ଆଗମନରେ ବିଳମ୍ବ ହୋଇଥିବା କୁହାଯାଉଛି ।

# ବିକଶିତ ଭାରତ ଗଠନ ପାଇଁ ଯୁବପିଢ଼ିକୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଭୁବନେଶ୍ୱର, ୨୩।୬(ମହାଭାରତ): ଭାରତ ମାତାର ମହାନ ସୁପୁତ୍ର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ 'ରାଷ୍ଟ୍ର ପ୍ରଥମ' ନୀତିରେ ଅନୁପ୍ରାଣିତ ହୋଇ ପବିତ୍ର ଓଡ଼ିଶା ମାଟି ତଥା ସମଗ୍ର ଭାରତବର୍ଷକୁ ସଶକ୍ତ, ସମୃଦ୍ଧ ଓ ଏକତାର ସୂତ୍ରରେ ବାନ୍ଧି ରଖିବା ପାଇଁ କାର୍ଯ୍ୟ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି । ମଙ୍ଗଳବାର ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ଅବସରରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଯୁବପିଢ଼ିଙ୍କୁ ଏହି ଆହ୍ୱାନ ଦେଇଛନ୍ତି।

ଡଃ ମୁଖାର୍ଜୀଙ୍କ ଅତୁଳନୀୟ ତ୍ୟାଗ ଓ ଶିକ୍ଷା ସଂସ୍କାର ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତନ ଆଣିଥିଲେ। ଦେଶର ଏକତା ଓ ଅଖଣ୍ଡତା ପାଇଁ ଜାମ୍ମୁ-କାଶ୍ମୀର ଆନ୍ଦୋଳନରେ ସେ ଦେଇଥିବା ଐତିହାସିକ ସ୍ଲୋଗାନ 'ଏକ ଦେଶ ମେଁ ଦୋ ବିଧାନ, ଦୋ ପ୍ରଧାନ, ଦୋ ନିଶାନ ନେହିଁ ଚଲେଙ୍ଗେ' ସମଗ୍ର ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିଥିଲା।

ସେ ଆହୁରି କହିଥିଲେ ଯେ କଂଗ୍ରେସର ତୁଷ୍ଟୀକରଣ ରାଜନୀତି ଏବଂ ଭୁଲ୍ ନୀତି ଯୋଗୁଁ କାଶ୍ମୀର ଉପରେ ଲଦି ଦିଆଯାଇଥିବା ଧାରା ୩୭୦ ଭଳି କଳା ଆଇନ ଯୋଗୁଁ ଦୀର୍ଘ ଦଶନ୍ଧି ଧରି ଲକ୍ଷ ଲକ୍ଷ ନିରୀହ ଲୋକ ପ୍ରାଣ ହରାଇଥିଲେ ଓ ଶରଣାର୍ଥୀ ସଦୃଶ ଜୀବନ ବିତାଇଥିଲେ । ସେ ପ୍ରକାଶ କରିଥିଲେ ଯେ, ବିନା ପରମିଟ୍ ରେ କାଶ୍ମୀର ପ୍ରବେଶ କରି ଗିରଫ ହେବା ପରେ ଜେଲ୍ ଭିତରେ ସନ୍ଦେହଜନକ ପରିସ୍ଥିତିରେ ଡଃ ମୁଖାର୍ଜୀଙ୍କ ମୃତ୍ୟୁର କୌଣସି ତଦନ୍ତ ତତ୍କାଳୀନ କଂଗ୍ରେସ ସରକାର କରାଇନଥିଲେ, ଯାହା ଇତିହାସର ସବୁଠାରୁ ବଡ଼ ଦୁର୍ଭାଗ୍ୟଜନକ ଅଧ୍ୟାୟ।




ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ନେତୃତ୍ୱକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ ୫ ଅଗଷ୍ଟ ୨୦୧୯ ମସିହାରେ କାଶ୍ମୀରରୁ ଧାରା ୩୭୦ ଉଚ୍ଛେଦ କରାଯାଇ ଡଃ ମୁଖାର୍ଜୀଙ୍କ ସେହି ଅଧୁରା ସ୍ୱପ୍ନକୁ ସାକାର କରାଯାଇଛି ଏବଂ ଏହାହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଆଜି ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ତ୍ରିରଙ୍ଗା ଭାରତର ବିଜୟ ପତକା ଉଡ଼ାଉଛି। ୨୧ ଅକ୍ଟୋବର ୧୯୫୧ରେ ଡଃ ମୁଖାର୍ଜୀଙ୍କ ଦ୍ୱାରା ପ୍ରତିଷ୍ଠିତ 'ଭାରତୀୟ ଜନସଂଘ' ଆଜି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ 'ଭାରତୀୟ ଜନତା ପାର୍ଟି' ଭାବେ ଉଭା ହୋଇଛି, ଯାହାର ମୂଳମନ୍ତ୍ର ହେଉଛି ସାଂସ୍କୃତିକ ରାଷ୍ଟ୍ରବାଦ।

ସେ ଆହୁରି କହିଥିଲେ ଯେ, ପୂର୍ବ ସରକାର ଡଃ ମୁଖାର୍ଜୀଙ୍କ ସ୍ମୃତି ଦିବସକୁ ଅଣଦେଖା କରୁଥିବା ବେଳେ ବର୍ତମାନର ସରକାର ଏହାକୁ ଏକ ଜାତୀୟ କର୍ତବ୍ୟ ଭାବେ ଗ୍ରହଣ କରି ପାଳନ କରୁଛନ୍ତି । ଏହି ଅବସରରେ ସେ ଦେଶ ଓ ରାଜ୍ୟକୁ ଦୁର୍ବଳ କରୁଥିବା ଭ୍ରଷ୍ଟ, ଦେଶବିରୋଧୀ ଏବଂ ପରିବାରବାଦୀ ଶକ୍ତିମାନଙ୍କ ପ୍ରତି ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି।

ଏହି ଅବସରରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢୀ କହିଥିଲେ ଯେ ସ୍ୱାଧୀନତା ପରବର୍ତୀ ସମୟରେ ଜାତୀୟତାବାଦ ଚିନ୍ତାଧାରାକୁ ଯିଏ ବିଚ୍ଛୁରିତ କରିଥିଲେ ସେ ହେଉଛନ୍ତି ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ । ସେ ହେଉଛନ୍ତି ପ୍ରକୃତ ଦେଶ ଭକ୍ତର ନିଦର୍ଶନ, ଯିଏ କି ଦଳ ମତ ନିର୍ବିଶେଷରେ ନିଜ ଦେଶକୁ ଭଲପାଉଥିଲେ ।

ଏହି ଅବସରରେ ପୂର୍ବତନ ରାଜ୍ୟସଭା ସାଂସଦ ଦୁଷ୍ମନ୍ତ କୁମାର ଗୌତମ, ଏକାମ୍ର ବିଧାୟକ ବାବୁ ସିଂହ ପ୍ରମୁଖ ମତବ୍ୟକ୍ତ କରିଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ । ଏସପିଓ ମାନଙ୍କର ବୃତିଗତ ଦକ୍ଷତା, କାର୍ଯ୍ୟକୁଶଳତା ଏବଂ ଜନସେବାମୂଳକ ପୋଲିସିଂ ମନୋଭାବକୁ ଅଧିକ ସୁଦୃଢ଼ କରିବା।

# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର,, ୨୩।୬(ମହାଭାରତ): ଆୟବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଥିବା ସମ୍ବଲପୁର ଡିଭିଜନର କାଡା (କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି)ର ନିର୍ବାହୀ ଯନ୍ତ୍ରୀ ପଦ୍ମଲୋଚନ ନାୟକଙ୍କ ଅମାପ ସଂପତ୍ତିର ତଥ୍ୟ ସାମ୍ନାକୁ ଆସିଛି। ଭିଜିଲାନ୍ସ ଚଢ଼ଉ ସମୟରେ ପଦ୍ମଲୋଚନ ନାୟକଙ୍କର ୨ଟି ବହୁମହଲା କୋଠା, ୧୫ଟି ମୂଲ୍ୟବାନ ପ୍ଲଟ୍, ନଗଦ ୩.୪୫ ଲକ୍ଷ ଟଙ୍କା, ୩ଟି ଦାମୀ କାର୍, ଗୋଟିଏ ଜେସିବି ଆଦି ଠାବ କରିଛି।

ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ସମ୍ପତ୍ତି ଠାବ କରାଯାଇଛି- ଏପର୍ଯ୍ୟନ୍ତ ଘର ଚଢ଼ଉ ସମୟରେ, ଶ୍ରୀ ନାୟକ ଏବଂ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ନିମ୍ନଲିଖିତ ସମ୍ପତ୍ତି ଠାବ କରାଯାଇଛି । ବିଦ୍ୟାଧରପୁର, କଟକରେ ଅବସ୍ଥିତ ପ୍ରାୟ ୭ ହଜାର ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ତିନି ମହଲା କୋଠା।ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୁଖାଲିସରେ ଅବସ୍ଥିତ ୧୪୬୫ ବର୍ଗଫୁଟ କ୍ଷେତ୍ରଫଳ ସହିତ ଆବାସିକ ଦୁଇ



## ଦୁଇଟି କୋଠା, ୧୫ ମୂଲ୍ୟବାନ ପ୍ଲଟ୍ ଓ ୩ଟି କାର୍ ଠାବ

ମହଲା କୋଠା। ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଏବଂ ଡେଲାଙ୍ଗା (ପୁରୀ)ରେ ୧୫ଟି ମୂଲ୍ୟବାନ ପ୍ଲଟ୍ ।ଉପରୋକ୍ତ କୋଠା/ପ୍ଲଟର ମାପ ଏବଂ ମୂଲ୍ୟାଙ୍କନ/ମୂଲ୍ୟାୟନ ଭିଜିଲାନ୍ସ ଟେକ୍ନିକାଲ୍ ଓ୍ୱିଙ୍ଗ ଦ୍ୱାରା କରାଯାଉଛି। ଶ୍ରୀଲଙ୍କା, ନେପାଳ, ବାହାରିନ୍ ଏବଂ ଆମେରିକାର କିଛି ବିଦେଶୀ ମୁଦ୍ରା ନୋଟ୍ ସହିତ ନଗଦ ୩,୪୫,୦୦୦/- ଟଙ୍କା। ବ୍ୟାଙ୍କ, ପୋଷ୍ଟାଲ୍ ଜମା ଏବଂ ଆର୍ଥିକ ଉପକରଣରେ ଅନ୍ୟାନ୍ୟ ନିବେଶ ନିର୍ଣ୍ଣୟ କରାଯାଉଛି । ଜେସିବି ମେସିନ୍।୩ ଚାରି ଚକିଆ ଯାନ (ଟୋୟୋଟା ଇନୋଭା, ଟାଟା ଇଣ୍ଡିଗୋ, ଓ୍ୱାଗନ୍ଆର୍) ଏବଂ ୧ ଦୁଇ ଚକିଆ ଯାନ। ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସ, ସମ୍ବଲପୁରଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ଓ୍ୱାରେଣ୍ଟ ବଳରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୪ ଜଣ ଡିଏସ୍‌ପି, ୧୩ ଜଣ ଇନ୍ସପେକ୍ଟର, ୭ ଜଣ ଏଏସ୍ଆଇ ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କ ନେତୃତ୍ୱରେ ଛଅଟି ସ୍ଥାନରେ ଏକକାଳୀନ ଚଢ଼ଉ କରାଯାଉଛି।

# ଆମେରିକା-ଇରାନ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ

ବର୍ଗେନଷ୍ଟକ, ୨୩।୬(ମହାଭାରତ) : ସ୍ୱିଜରଲ୍ୟାଣ୍ଡର ବର୍ଗେନଷ୍ଟକରେ ଆମେରିକା ଏବଂ ଇରାନ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଛି। ଆଲୋଚନାର ଅଂଶ ସ୍ୱରୂପ ଉଭୟ ପକ୍ଷ ଏକ ଉଚ୍ଚସ୍ତରୀୟ କମିଟି ପ୍ରତିଷ୍ଠା କରିବାକୁ ରାଜି ହୋଇଛନ୍ତି। ଏହି ଆଲୋଚନା ନେଇ ପାକିସ୍ତାନ ଏବଂ କାତାର ଏକ ବିବୃତି ଜାରି କରିଛନ୍ତି ଏବଂ ଇରାନର ପ୍ରାରମ୍ଭିକ ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ଇରାନର ବୈଦେଶିକ ମନ୍ତ୍ରୀ ସୈୟଦ ଆବାସ ଆରାଘଚି କହିଛନ୍ତି ଯେ ପାକିସ୍ତାନ ଏବଂ କାତାରର ମଧ୍ୟସ୍ଥତା ପ୍ରୟାସ ଯୋଗୁଁ ଲେବାନନରେ ଯୁଦ୍ଧ ସମାପ୍ତ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି। ଇରାନର ତୈଳ ଏବଂ ପେଟ୍ରୋକେମିକାଲ ରପ୍ତାନି ଉପରେ ପ୍ରତିବନ୍ଧକ ହଟାଇ ଦିଆଯାଇଛି ଏବଂ ହର୍ମୁଜ ପ୍ରଣାଳୀରେ ଅବରୋଧ ସମାପ୍ତ କରାଯାଇଛି। ଏହା ସହିତ ଜବତ ହୋଇଥିବା କିଛି ସମ୍ପତ୍ତିକୁ ମୁକ୍ତ କରାଯାଇଛି। ଏକ ବଡ଼ ପରିମାଣର ପୁନଃନିର୍ମାଣ ଏବଂ ବିକାଶ ଯୋଜନା ଆରମ୍ଭ କରାଯାଇଛି। ପାକିସ୍ତାନ ଏବଂ କାତାରର ମିଳିତ ବିବୃତି ଅନୁଯାୟୀ ଲେବ ଲୁସର୍ନ ଶିଖର ସମ୍ମିଳନୀ ସକାରାତ୍ମକ ଏବଂ ଗଠନମୂଳକ ପରିବେଶରେ ଅନୁଷ୍ଠିତ ହୋଇଥିଲା।

# ୪ରେ ଶାହ, ୯ରେ ଆସିବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ,, ୨୩।୬(ମହାଭାରତ) ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତର ୪ଦିନ ନପୁରୁଣୁ ଉପରାଷ୍ଟ୍ରପତି ସି.ପି.ରାଧାକ୍ରିଷ୍ଣନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ଓଡିଶା ଗସ୍ତରେ ଆସିବେ ବୋଲି ଜଣାପଡିଛି। ଅମିତ୍ ଶାହ ଜୁଲାଇ ୪ତାରିଖରେ ଓ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଜୁଲାଇ ୯ତାରିଖରେ ଓଡିଶା ଗସ୍ତରେ ଆସିବେ ବୋଲି ଆଜି ସରକାରୀ ଭାବେ ସୂଚନା ଦିଆଯାଇଛି।

ଉପରାଷ୍ଟ୍ରପତିଶ୍ରୀ ରାଧାକ୍ରିଷ୍ଣନଙ୍କ ୯ତାରିଖରେ ଦିନକିଆ ଗସ୍ତକୁ ଦୃଷ୍ଟିରେ ରଖି ଆଜି ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓ୍ୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଓଡିଶାର ବ୍ଲୁ ଇକୋନୋମିର ବିକାଶ କ୍ଷେତ୍ରରେ ଏହା ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ,ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡିଛି।

ଆଜିର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡିଛି।ସେହିପରି କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହଙ୍କ ୪ତାରିଖରେ ଦିନକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଗତକାଲି ଆନୁଷ୍ଠାନିକ ସୂଚନା ଆସିଛି। ଗୃହମନ୍ତ୍ରୀ ଅମିତ୍ ଶାହ ରାଜ୍ୟର ଏକାଧିକ ସରକାରୀ କାର୍ଯ୍ୟକ୍ରମରେ ସାମିଲ ହେବେ। ଓଡିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

ତେବେ ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅମିତ୍ ଶାହଙ୍କ ପ୍ରସ୍ତାବିତ ଓଡିଶା ଗସ୍ତବେଳେ ବଉଦ୍ଧ ଚିନି କଳ ସମେତ



ବଲାଙ୍ଗୀର ଓ ନୟାଗଡ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ ସମେତ ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ବାଲେଶ୍ୱରର ବସ୍ତାଠାରେ ୭୮କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାର ଓ ଭୁବନେଶ୍ୱରର ପାଣ୍ଡରାଠାରେ ୫୯କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଶାହ ଯୋଗ ଦେବେ।ଏହାସହିତ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆର୍ପ୍ରଡି 'ପତାକା'କୁ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ଭବ୍ୟ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡିଛି।

## ଚିକେନ ଲଲିପପ

**ଆବଶ୍ୟକ ସାମଗ୍ରୀ:** ଚିକେନ, ସୋୟା ସସ, ଚିଲି ସସ, ଟମାଟୋ କ୍ୟାଚଅପ୍, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର, ମଇଦା, ଚିଲି ଫ୍ଲେକ୍ସ, ସ୍ପ୍ରିଙ୍ଗ ଓନିଅନ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଏକ ବାଉଲରେ ସୋୟା ସସ, ଚିଲିସସ, ଟମାଟୋ କ୍ୟାଚଅପ, ଲେମ୍ବୁ ରସ, ଅଦାରସୁଣ ପେଷ୍ଟ, ଲୁଣ, ଗୋଲମରିଚ ଗୁଣ୍ଡ, ଅଣ୍ଡା, କର୍ଣ୍ଣଫ୍ଲୋର ଓ ମଇଦା, ଲୁଣକୁ ମିଶାଇ ଏକ ଭଲ ଘୋଳ ପ୍ରସ୍ତୁତ କରନ୍ତୁ। ଏହାପରେ ସେଥିରେ ଚିକେନକୁ ମ୍ୟାରିନେଟ କରି ଗୋଟିଏ ଘଣ୍ଟା ପାଇଁ ଛାଡ଼ି ଦିଅନ୍ତୁ। ଏହାପରେ ଏକ କଡ଼େଇରେ ତେଲ ଗରମ କରି ଚିକେନକୁ ଫ୍ରାଏ କରି ରଖନ୍ତୁ। ଏବେ ଆଉ ଏକ ପ୍ୟାନରେ କିଛି ତେଲ ନେଇ ସେଥିରେ ଛୋଟ ଛୋଟ କଟା ଯାଇଥିବା, ଅଦା, ରସୁଣ, ଚିଲି ଫ୍ଲେକ୍ସ, ଚିଲି ସସ, ସୋୟା ସସ, ଟମାଟୋ କ୍ୟାଚଅପ୍, ଲୁଣ ମିଶାଇ ଗୋଳାନ୍ତୁ। ଅଳ୍ପ କିଛି ପାଣି ମିଶାନ୍ତୁ। ଏହାପରେ ସେଥିରେ ଛଣା ଯାଇଥିବା ଚିକେନ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ଏହା ଉପରେ କିଛି ସ୍ପ୍ରିଙ୍ଗ ଓନିଅନ ପକାନ୍ତୁ। ଏଥର ଚିକେନ ଲଲିପପ ପ୍ରସ୍ତୁତ ହୋଇଗଲା।



ଖବର

## ୱେଲକମ୍ ଟୁ ଦ ଜଙ୍ଗଲ୍‌ରେ ସମ୍ବେଦନଶୀଳ ଦୃଶ୍ୟ ଉପରେ କଟକଣା

ବହୁ ପ୍ରତୀକ୍ଷିତ ମଲ୍‌ଟି-ଷ୍ଟାରର୍ କମେଡି ଚଳଚ୍ଚିତ୍ର 'ୱେଲକମ୍ ଟୁ ଦ ଜଙ୍ଗଲ୍' ଆସନ୍ତା ଜୁନ୍ ୨୬ରେ ମୁକ୍ତିଲାଭ କରିବ। ଚଳଚ୍ଚିତ୍ରର ସେନ୍ସର ପ୍ରକ୍ରିୟା ଠିକ୍ ସମୟରେ ସମ୍ପୂର୍ଣ୍ଣ ହୋଇଛି। ଏହି ରିପୋର୍ଟରେ ଚଳଚ୍ଚିତ୍ରକୁ ସିବିଏଫ୍‌ସି ପକ୍ଷରୁ କରାଯାଇଥିବା କଟକଣା ଓ ପରିବର୍ତ୍ତନ ସମ୍ପର୍କରେ ବିଶେଷ ସୂଚନା ଦିଆଯାଇଛି।

ଭାରତୀୟ ଚଳଚ୍ଚିତ୍ର ପ୍ରମାଣପତ୍ର ବୋର୍ଡ 'ୱେଲକମ୍ ଟୁ ଦ ଜଙ୍ଗଲ୍' ଚଳଚ୍ଚିତ୍ରକୁ ୟୁଏ ୧୬ପ୍ଲସ ସର୍ଟିଫିକେଟ୍ ସହିତ ପାସ୍ କରିଛି। ତଥାପି ନିର୍ମାତାମାନଙ୍କୁ ଅନେକ ପରିବର୍ତ୍ତନ କରିବାକୁ କୁହାଯାଇଥିଲା।'କାଲା ପେଦା ହୁଆ ହେି, କୋଇଲା ହେି' ଡାଏଲଗ୍ ?କୁ ବଦଳାଇ 'ସାଦା ପେଦା ହୁଆ ହେି, ନମୁନା ହୁଆ ହେି' କରାଯାଇଛି। 'ନା ଦିଆ' ଶବ୍ଦ ଥିବା ୧୦ ସେକେଣ୍ଡର ଏକ ଦୃଶ୍ୟକୁ ହଟାଇଦିଆଯାଇଛି। 'ସ୍କ୍ରିଉଡ୍ ?' ଶବ୍ଦକୁ ଦୁଇଟି ସ୍ଥାନରେ ଉପଯୁକ୍ତ ଶବ୍ଦ ସହିତ ବଦଳାଯାଇଛି, ଯେତେବେଳେ 'ଆଜରୁଦ୍ଦେନ୍ ?' କୁ 'ଆଲାଉଦ୍ଦିନ୍' ଭାବେ ପରିବର୍ତ୍ତନ କରାଯାଇଛି।

''ପାନି ଅଫ୍ କାଶ୍ମୀର' ଡାଏଲଗ୍ ?କୁ ମଧ୍ୟ ହଟାଇଦିଆଯାଇଛି। 'ୟାଦ କରୋ କୁର୍ବାନୀ, ମୁଁହ୍ ମେଁ ଭର ଲୋ ପାଣି' କୁ ବଦଳାଇ 'ଜୋ ଶହୀଦ ହୋନେ ଜା ରହା ଥା, ଉସକେ ମୁଁହ୍ ମେଁ ଭର ଲୋ ପାଣି' କରାଯାଇଛି। 'ଅନ୍ଧା' ବଦଳରେ 'ଢିଲା' ବ୍ୟବହାର କରାଯାଇଛି ଏବଂ 'ଦେଶ କି ଟଙ୍ଗି' ଡାଏଲଗ୍‌କୁ ହଟାଇଦିଆଯାଇଛି।

ଏହାସହ 'ଇଜ୍ଜତ୍ ଲେ ଲୋ' କୁ 'ୟେ ଆପକେ ସାଥ୍ ଜାନେକୋ ଙ୍ଗ' ଭାବେ ବଦଳାଯାଇଛି, 'ଗୋର୍ଖା ରେଜିମେଣ୍ଟ' କୁ 'ତୁମ୍ ? ଆର୍ମି ସେ ହୋ' କରାଯାଇଛି। 'ଜେନେରାଲ୍' କୁ ହଟାଇ 'ଅଫିସର୍' ଏବଂ 'ସର୍' ଭାବେ ପରିବର୍ତ୍ତନ କରାଯାଇଛି। ଭିଜୁଆଲ୍ କଟକଣା ମଧ—ଗୀତରେ ସେନ୍ସୁଆଲ୍ ବିକିନି ଭିଜୁଆଲ୍, ନାରୀଙ୍କ କଟିଭାଗର କ୍ଲୋଜ୍-ଅପ୍ ଏବଂ କଟି ଗତିର ଦୃଶ୍ୟଗୁଡ଼ିକୁ ହଟାଇଦିଆଯାଇଛି। ଦିଶା ପଟାନି ଓ ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ?ଙ୍କ ସେନ୍ସୁଆଲ୍ ଭିଜୁଆଲ୍ ମଧ ହଟାଯାଇଛି। ଶେଷରେ ଅଶାଳୀନ ହାତ ଇସାରା ଦୃଶ୍ୟକୁ ଭିନ୍ଦୁ ଦାରା ସିଂହଙ୍କ କ୍ଲୋଜ୍ ?-ଅପ୍ ସଟ୍ ସହିତ ବଦଳାଯାଇଛି। ମୋଟ ସିବିଏଫ୍ ?ସି ୧୪ଟି ପରିବର୍ତ୍ତନ ନିର୍ଦ୍ଦେଶ ଦେଇଥିଲା। ଏହି ସମସ୍ତ ପରିବର୍ତ୍ତନ ପରେ ଚଳଚ୍ଚିତ୍ରକୁ ଜୁନ୍ ୨୦ ରେ ସେନ୍ସର ସର୍ଟିଫିକେଟ୍ ମିଳିଥିଲା। 'ୱେଲକମ୍ ଟୁ ଦ ଜଙ୍ଗଲ୍' ଚଳଚ୍ଚିତ୍ରର ମୋଟ ଅବଧି ୧୬୪.୫୦ ମିନିଟ୍, ଅର୍ଥାତ୍ ୨ ଘଣ୍ଟା ୪୪ ମିନିଟ୍ ୫୦ ସେକେଣ୍ଡ ରହିଛି।



## ଭଗବାନ ଶିବଙ୍କୁ ଅର୍ପଣ କରନ୍ତୁ ଅପରାଜିତା ଫୁଲ



ଏବେ ଚାଲିଛି ଶ୍ରାବଣ ମାସୟ ଯାହାକି ଭଗବାନ ଶିବଙ୍କ ଅତି ପ୍ରିୟ ମାସ। ବିଶ୍ୱାସ ଅଛି, ଏହି ମାସରେ ଭଗବାନ ଶିବ କୈଳାସ ପର୍ବତ ଛାଡ଼ି ମର୍ତ୍ତ୍ୟପୁରକୁ ଆସିଥାନ୍ତି। ଆଉ ଭକ୍ତମାନେ ଯାହା ମାନସିକ କରିଥାନ୍ତି ତାହା ସଙ୍ଗେ ସଙ୍ଗେ ପୂରଣ କରିଥାନ୍ତି। ବିଶେଷକରି ଏହି ମାସରେ କାଉଡ଼ି ଯାତ୍ରା ଆରମ୍ଭ ହୋଇଥାଏ। ଶ୍ରଦ୍ଧାଳୁମାନେ ପାଣିଭାର ନେଇ ଶିବଙ୍କୁ ଜଳାଭିଷେକ କରନ୍ତି।ବିଶ୍ୱାସ ରହିଛି ଶ୍ରାବଣ ମାସର ବୁଧବାର ଭଗବାନ ଶିବଙ୍କୁ ଅପରାଜିତା ଫୁଲ ଅର୍ପଣ କଲେ ଅନେକ ସମସ୍ୟା ଦୂର ହୋଇଥାଏ। କାରଣ ଏହି ଫୁଲ ଶିବଙ୍କର ପ୍ରିୟ ଫୁଲମାନଙ୍କ ମଧ୍ୟରୁ ଗୋଟିଏ। ଏହି ଫୁଲ ଗୋକର୍ଣ୍ଣ ଏବଂ ଶଙ୍ଖପୁଷ୍ପ ନାମରେ ମଧ ଜଣାଶୁଣା। ବୁଧବାର ଏହି ଫୁଲ ଶିବଙ୍କୁ ଅର୍ପଣ କଲେ ବୁଦ୍ଧି ଏବଂ ଏକାଗ୍ରତା ବଢ଼ିଥାଏ। ବେପାର ବଣିଜ ପାଇଁ ନୂଆ ମାର୍ଗ ଖୋଲିଯାଏ। ଭଗବାନ ଭୋଲାନାଥଙ୍କ କୃପା ପାଇବା ପାଇଁ ଅପରାଜିତା ଫୁଲ ଅର୍ପଣ କରିବାକୁ ଆଦୌ ଭୁଲନ୍ତୁ ନାହିଁ।



## ହିନ୍ଦୁ ଧର୍ମରେ ଗର୍ଭାଧାନ ସଂସ୍କାର

ହିନ୍ଦୁ ଧର୍ମରେ ବିଭିନ୍ନ ସଂସ୍କାର ରହିଛି। ସେଥିମଧ୍ୟରୁ ପ୍ରଥମ ହେଉଛି ଗର୍ଭାଧାନ ସଂସ୍କାର। ଏହିଠାରୁ ଶିଶୁର ନିର୍ମାଣ ହୋଇଥାଏ। ଗୃହସ୍ଥାଶ୍ରମରେ ପ୍ରବେଶ କରିବା ପରେ ଦମ୍ପତିଙ୍କୁ ପୁତ୍ର ଉତ୍ପନ୍ନ କରିବାର ମାନ୍ୟତା ଦିଆଯାଇଛି। ତେଣୁ ଶାସ୍ତ୍ରରେ କୁହାଯାଇଛି ଯେ, ଉତ୍ତମ ସନ୍ତାନପ୍ରାପ୍ତି ନିମନ୍ତେ ସର୍ବପ୍ରଥମେ ଗର୍ଭାଧାନ ସଂସ୍କାର କରିବା ଉଚିତ୍। ପିତୃ ଋଣରୁ ମୁକ୍ତି ପାଇବା ପରେ ସନ୍ତାନ ଉତ୍ପନ୍ନ ସଂସ୍କାର ବ୍ୟବସ୍ଥା ରହିଛି। ଏହି ସଂସ୍କାରରେ ଗର୍ଭ ସମ୍ବନ୍ଧିତ ମଳିନତା ପ୍ରଭୃତି ଦୋଷ ଦୂର ହୋଇଥାଏ। ଯାହାଫଳରେ ଉତ୍ତମ ସନ୍ତାନ ପ୍ରାପ୍ତି ହୋଇଥାଏ। ମାତା-ପିତାଙ୍କ ସଂଯୋଗରେ ସନ୍ତାନର ଉତ୍ପତ୍ତି ହୋଇଥାଏ ଏବଂ ଏହି ସଂଯୋଗକୁ ଗର୍ଭାଧାନ ସଂସ୍କାର ବୋଲି ହିନ୍ଦୁ ଧର୍ମର ସଂସ୍କାର ପର୍ବରେ ପ୍ରାରମ୍ଭରେ କୁହାଯାଇଛି। ଗର୍ଭସ୍ଥାପନ ପରେ ଅନେକ ପ୍ରକାର ପ୍ରାକୃତିକ ପ୍ରବୃତ୍ତି ଆକ୍ରମଣ କରିଥାଏ, ଯେଉଁଥିରୁ ରକ୍ଷା ପାଇବା ପାଇଁ ଏହି ସଂସ୍କାର ବ୍ୟବସ୍ଥା ରହିଛି। ମାତା-ପିତାଙ୍କ ବିଚାରଧାରା ସହିତ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। ମାତା-ପିତାଙ୍କ ମାଦକ ଦ୍ରବ୍ୟ ସେବନ,



ଦୂଷିତ ମାନସିକତା ପ୍ରଭୃତିର ପ୍ରଭାବ ଶିଶୁ ଉପରେ ପଡ଼ିଥାଏ। ଦାମ୍ପତ୍ୟ ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ ସର୍ବ ଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରାପ୍ତ କରିବା। ଏଥିପାଇଁ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ ଅଟେ। ଗୁଣବାନ ସନ୍ତାନ ଉତ୍ପନ୍ନ ପାଇଁ ମାତା-ପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। ଶ୍ରେଷ୍ଠ ସନ୍ତାନ ପ୍ରାପ୍ତିପାଇଁ ବିଭିନ୍ନ ବିଧି ବିଧାନ ରହିଛି। ଏଥିପାଇଁ ମାତା-ପିତାଙ୍କୁ ଶାରୀରିକ ଏବଂ ମାନସିକ ସ୍ତରରେ ପ୍ରସ୍ତୁତ ହେବାକୁ ପଡ଼ିବ। କାରଣ ତାଙ୍କର ଆସୁଥିବା ସନ୍ତାନଟି ତାଙ୍କ ଆତ୍ମାର ପ୍ରତିରୂପ ଅଟେ। ସେଥିପାଇଁ ପୁତ୍ରକୁ ଆତ୍ମା ଏବଂ ପୁତ୍ରୀକୁ ଆତ୍ମଜା କୁହାଯାଏ। ଗର୍ଭାଧାନ ବିଷୟରେ ହିନ୍ଦୁ ଧର୍ମଶାସ୍ତ୍ରର ସ୍ମୃତିସଂଗ୍ରହରେ ଉଲ୍ଲେଖ ରହିଛି।

## କର୍ମଦୋଷରୁ ଆୟୁଷ ହାନି ହୋଇଥାଏ



ଲଙ୍କାପତି ରାବଣ ପ୍ରଭୁ ରାମଚନ୍ଦ୍ରଙ୍କ ଶରାଘାତରେ ଭୂମିରେ ପଡ଼ି ଛଟପଟ ହେଉଥିଲା । ସେତିକିବେଳେ ପ୍ରଭୁ ରାମଚନ୍ଦ୍ର ଭ୍ରାତା ଲକ୍ଷ୍ମଣଙ୍କୁ ତାଙ୍କ ନିକଟକୁ ପଠାଇଥିଲେ କହିଲେ, 'ଜଣେ ମହାଜ୍ଞାନୀଙ୍କର ମହାପ୍ରୟାଣ ହେବାକୁ ଯାଉଛି । ଯଦି କିଛି ରାଜଧର୍ମ ଶିଖିବାର ଅଛି ତେବେ ତାଙ୍କ ପାଖକୁ ଯାଅ ଏବଂ ସେ କହୁଛନ୍ତି ଶୁଣ ।ଲକ୍ଷ୍ମଣ ବଡ଼ଭାଇଙ୍କ ଆଦେଶ ପାଳନ କରି ରାବଣ ପାଖକୁ ଗଲେ । ଜୀବନର ଶେଷ ସମୟରେ ରାବଣ ମନେ ମନେ ଲକ୍ଷ୍ମଣଙ୍କ ଭଳି ଆଚରଣସିଦ୍ଧ ଲୋକଙ୍କୁ ଖୋଜୁଥିଲା । ରାବଣ ଓ ଲକ୍ଷ୍ମଣଙ୍କ ଭିତରେ ଫରକ ହେଉଛି ରାବଣ ଯୋଦ୍ଧା ଥିଲେ କିନ୍ତୁ ଆଚରଣସିଦ୍ଧ ନ ଥିଲେ । ଅନ୍ୟପକ୍ଷରେ ଲକ୍ଷ୍ମଣ ଥିଲେ ଯୋଦ୍ଧା ଓ ଆଚରଣସିଦ୍ଧ । ରାବଣ କହିଲା, 'ମୁଁ ଯେତେବେଳେ ଯାହା ଚାହିଁଛି ପାଇଛି, କିନ୍ତୁ ପ୍ରଜାମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ତିନିଟି କଥା ପୂରଣ କରିପାରିଲି ନାହିଁ । ସେଥିମଧ୍ୟରୁ ଗୋଟିଏ ହେଉଛି ଲଙ୍କା ନଗରରୀର ଚାରିପାଖକୁ ଲାଗି ରହିଥିବା ସମୁଦ୍ରପାଣିକୁ ମିଠା କରିବା। ଦ୍ୱିତୀୟ ହେଉଛି ଯେଉଁମାନେ ପୃଥିବୀରେ ରହି ନରକ ଯନ୍ତ୍ରଣା ଭୋଗୁଛନ୍ତି ସେମାନଙ୍କୁ ସ୍ୱର୍ଗସୁଖ ଦେବା ଏବଂ ତୃତୀୟଟି ହେଉଛି ଲଙ୍କାପୁରରୁ ସ୍ୱର୍ଗପୁର ପର୍ଯ୍ୟନ୍ତ ନିଶୁଣି ପକାଇବା । ରାବଣର କଥାଗୁଡ଼ିକ ଲକ୍ଷ୍ମଣ ବଡ଼ ଭାଇ ରାମଚନ୍ଦ୍ରଙ୍କୁ କହିଲେ। ରାମଚନ୍ଦ୍ର ଶୁଣି ହସିଲେ ଆଉ କହିଲେ 'ଶେଷ ସମୟରେ ଯାହା କୁହାଯାଏ ତାହା ପଶ୍ଚାତାପ ରାବଣ ଯଦି ଭଲକାମ କରିବାକୁ ଚାହୁଁଥିଲା ଆଗୁଆ ନାହିଁ କାହିଁକି ? ରାବଚନ୍ଦ୍ର କହିଲେ "ରାବଣ ଭଲ କାମଗୁଡ଼ିକୁ ଆଜି କରିବି କାଲି କରିବି କହି ଖରାପ କାମଗୁଡ଼ିକୁ କରି ଚାଲିଲା। ତେଣୁ ତାର ଆୟୁଷ ହାନି ଘଟିଲା ଆଉ କର୍ମଦୋଷରୁ ଆଜି ତାର ଏ ଅବସ୍ଥା" ସେ ଭଲ କାମଗୁଡ଼ିକୁ ଆଗେ କରିଥିଲେ ହୁଏତ ଏତେ ଶୀଘ୍ର ମରି ନ ଥା'ନ୍ତା ।ଗଳ୍ପର ସାରମର୍ମ ହେଉଛି... କର୍ମଦୋଷରୁ ମଣିଷ ନିଜର ଆୟୁଷହାନି କରିଥାଏ । ରାବଣ ରାମଙ୍କ ବାଣରେ ମରିବାରୁ ତାଙ୍କର ମୋକ୍ଷପ୍ରାପ୍ତି ହେଲା ଏହା ସତ୍ୟ । କିନ୍ତୁ କୁକର୍ମ ପାଇଁ ତାକୁ ଶୀଘ୍ର ମରିବାକୁ ପଡ଼ିଲା। ରାବଣ ଉପରେ ଦେବ, ଦାନବ, ମାନବ ଏମିତି ଶହ ଶହ ଅଭିଶାପରେ ଅଭିଶପ୍ତ ହୋଇ ରହିଥିଲା ରାବଣ ଥିଲା ମହାଜ୍ଞାନୀ, ମହାପଣ୍ଡିତ, ମହାଶାସ୍ତ୍ରୀ । ସେ ଥିଲା ପ୍ରଜାବତ୍ସଳ । ରାବଣର ରାଜତ୍ୱକାଳରେ ଲଙ୍କା ଥିଲା ସୁବର୍ଣ୍ଣନଗରୀ। ଏତେ ସବୁ ଗୁଣ ଥାଇ ମଧ୍ୟ ତାଙ୍କର ଅପମୃତ୍ୟୁ ଘଟିଥିଲା । ରାବଣର ଗର୍ବ, ଅହଙ୍କାର ଆଉ ଦୌରାତ୍ମ୍ୟ ଏତେ ବଢ଼ି ଯାଇଥିଲା ଯେ ସ୍ୱୟଂ ଭଗବାନ ତାକୁ ମାରିବାକୁ ଧରାପୃଷ୍ଠରେ ଜନ୍ମ ନେଇଥିଲେ । ଜ୍ଞାନ ଓ ପାଣ୍ଡିତ୍ୟର ଅହଂକାର ରାବଣକୁ ଅନ୍ଧାର ଭିତରକୁ ଠେଲି ଦେଇଥିଲେ । ସେଥିପାଇଁ କୁହାଯାଏ 'ଅତିଗର୍ବେ ହତ ଲଙ୍କା' ଅର୍ଥାତ୍, ରାବଣ ଏକ ଅମାନବୀୟ ଗୁଣ ଓ ଚରିତ୍ରର ଅଧିକାରୀ। ରାବଣ ଅହଙ୍କାରୀ ଥିଲା । ତାଙ୍କ କଥା ଓ କାମରେ ସନ୍ତୁଳନ ନ ଥିଲା। ସେ ବଡ଼ ଅଳସୁଆ ମଧ୍ୟ ଥିଲା। ରାମରାଜ୍ୟ ଓ ରାବଣରାଜ୍ୟ ଭିତରେ ଫରକ୍ ହେଉଛି ରାବଣ ରକ୍ତପାତ କରି ସାମ୍ରାଜ୍ୟ ବଢ଼ାଇବାକୁ ଚାହୁଁଥିଲେ । କିନ୍ତୁ ରାମଚନ୍ଦ୍ର ସମସ୍ତଙ୍କର ମଙ୍ଗଳ କରିବା ପାଇଁ ଚାହୁଁଥିଲେ। ସାରା ବିଶ୍ୱବାସୀଙ୍କ ମଙ୍ଗଳ ଚିନ୍ତା କରିବା ଓ ଶାନ୍ତି ସ୍ଥାପନ ପଥରେ ଅଗ୍ରସର ହେବା ଅସଲ ମଣିଷପଣିଆ।

## ପ୍ରତିଦିନ ଗୋଟିଏ କଦଳୀ ଖାଆନ୍ତୁ ବୁଦ୍ଧି ବଢ଼ାନ୍ତୁ, ଓଜନ କମାନ୍ତୁ

ପୋଟାସିୟମର ଉତ୍କୃଷ୍ଟ ଉପାଦାନ ରହିଥିବା କଦଳୀ ସ୍ୱାସ୍ଥ୍ୟକର ହେବା ସହ ଆମ ଶରୀର ପକ୍ଷେ ମଧ ହିତକର କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ। କଦଳୀକୁ ସବୁଠୁ ସ୍ୱାସ୍ଥ୍ୟକର ଖାଦ୍ୟ ପଦାର୍ଥ



ଭାବେ ଗଣାଯାଇଥାଏ । ଯଦି ଆପଣ ନିଜ ଓଜନ କମାଇବାକୁ ଚାହୁଁଛନ୍ତି ତେବେ ଆପଣଙ୍କୁ କଦଳୀ ଖାଇବା ଉଚିତ୍। ଗୋଟିଏ କଦଳୀରେ ୩ଗ୍ରାମ୍ ଫାଇବର ଏବଂ ୧୦୦କ୍ୟାଲୋରୀ ରହିଥାଏ ଏଥିପାଇଁ କଦଳୀକୁ ସବୁଠୁ ଉତ୍କୃଷ୍ଟ ହାଲୁକା ଭୋଜନ ଭାବେ ଗ୍ରହଣ କରିବା ଉଚିତ୍। କଦଳୀ ଖାଇବା ଦ୍ୱାରା ଆପଣଙ୍କ ପେଟ ମଧ ଭର୍ତ୍ତି ହେବା ଭଳି ଲାଗିଥାଏ ଏବଂ ଏହା ଭୋକକୁ ନିୟନ୍ତ୍ରଣ କରିଥାଏ। ଆପଣମାନେ ଜାଣିଥିବେ କଦଳୀରେ ପୋଟାସିୟମ୍ ଏବଂ ମାଗ୍ନେସିୟମ୍ ପ୍ରଚୁର ମାତ୍ରାରେ ରହିଛି। କଦଳୀରୁ ଶକ୍ତି ଧୀରେ ଧୀରେ ବାହାରିଥାଏ ଯାହା ଦ୍ୱାରା ଆମ ମସ୍ତିଷ୍କ ସଚେତନ ହୋଇଥାଏ। କଦଳୀ ମସ୍ତିଷ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଦଳୀରେ ଟ୍ରିଫୋନ୍ ରହିଛି ଯାହା ଆଗକୁ ଯାଇ ସେରେଟୋନିନରେ ପରିଣତ ହୋଇଥାଏ ଏବଂ ମସ୍ତିଷ୍କରେ ସେରେଟୋନିନର ଅଭାବ ଯୋଗୁଁ ଅବସାଦ ଏବଂ ଉଦବେଗ ଏବଂ ବିତୃଷ୍ଣା ଭାବ ସୃଷ୍ଟି ହୋଇଥାଏ। ଏଥିପାଇଁ ଉତ୍ତମ ମାନସିକ ସ୍ୱାସ୍ଥ୍ୟ ପାଇଁ ଏବଂ ଅବସାଦରୁ ମୁକ୍ତି ପାଇବା ପାଇଁ କଦଳୀ ଖାଇବା ଉଚିତ୍। କଦଳୀ ଶରୀରରେ କ୍ୟାଲସିୟମକୁ ଶୋଷିତ କରିବାରେ ସାହାଯ୍ୟ କରିଥାଏ। କ୍ୟାଲସିୟମ୍ ଶରୀରରେ ପହଞ୍ଚିଲେ ହାଡ଼ ମଜବୁତ କରିଥାଏ। ଶରୀରରେ ଜରୁରୀ ପୋଷକ ତତ୍ତ୍ୱ ଏବଂ ଫାଇବରର ସ୍ଥାନ ପୂରଣ କରିବା ପାଇଁ ଦିନକୁ ଗୋଟିଏ କଦଳୀ ନିୟମିତ ଖାଇବା ଉଚିତ୍। ଆପଣ ବ୍ୟାୟାମ କରିବା ପୂର୍ବରୁ କିମ୍ବା ବ୍ୟାୟାମ କରିବା ପରେ କଦଳୀ ଖାଇପାରିବେ।

# ଖରିଫ ପ୍ରସ୍ତୁତି ଓ କୃଷି କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର, ୨୩।୬ (ମହାଭାରତ):** ଓଡ଼ିଶା ସରକାରଙ୍କ ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତିମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି କେନ୍ଦୁଝର ଜିଲ୍ଲା ଗସ୍ତ କରି ବିଭିନ୍ନ କୃଷି କାର୍ଯ୍ୟକ୍ରମ ଏବଂ ଆଗାମୀ ଖରିଫ-୨୦୨୬ ଋତୁ ପାଇଁ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଉପ-ମୁଖ୍ୟମନ୍ତ୍ରୀ କ୍ଷେତ୍ରସ୍ତରରେ ଚାଷୀମାନଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ ଏବଂ ଧାନ ନର୍ସରୀ ପ୍ରସ୍ତୁତି ଓ ରୁଆ କାର୍ଯ୍ୟର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଲ୍ ନିନୋ ଜନିତ ଅସ୍ୱାଭାବିକ ମୌସୁମୀ ପରିସ୍ଥିତିର ସମ୍ଭାବନାକୁ ଦୃଷ୍ଟିରେ ରଖି କେଉଁସବୁ ପଦକ୍ଷେପ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ ସେ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହିତ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ପ୍ରସ୍ତୁତିର ମଧ ସେ ସମୀକ୍ଷା କରିଥିଲେ। ସୁଚିନ୍ତିତ ଯୋଜନା ଉପରେ ଗୁରୁତ୍ୱାରୋପ କରି ଶ୍ରୀ ସିଂହଦେଓ କୃଷି ବିଭାଗର



ଅଧିକାରୀମାନଙ୍କୁ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ଏବଂ 'ଜିଲ୍ଲା କୃଷି ଆପଦକାଳୀନ ଯୋଜନା' କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ ଚାଷ ସମୟରେ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ସମୟୋଚିତ ପରାମର୍ଶ, କୃଷି ସାମଗ୍ରୀର ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ କ୍ଷେତ୍ରସ୍ତରୀୟ ସ୍ଥିତିର ନିରନ୍ତର ତଦାରଖ ଅତ୍ୟନ୍ତ ଜରୁରୀ। ଏହାଛଡ଼ା, ଉପ-ମୁଖ୍ୟମନ୍ତ୍ରୀ ଜିଲ୍ଲାରେ 'ମଡେଲ ଫାର୍ମ' (ଆଦର୍ଶ କୃଷି କ୍ଷେତ୍ର) ପ୍ରତିଷ୍ଠା ପାଇଁ ଚିହ୍ନଟ ହୋଇଥିବା ଜମି ପରିଦର୍ଶନ କରିଥିଲେ। ଏହି ପ୍ରସ୍ତାବିତ ମଡେଲ ଫାର୍ମଗୁଡ଼ିକ କୃଷି ପ୍ରଦର୍ଶନ, ଗବେଷଣା, ପ୍ରଯୁକ୍ତିବିଦ୍ୟାର ପ୍ରସାର ଏବଂ ଚାଷୀମାନଙ୍କ ମଧ୍ୟରେ ଉନ୍ନତ ଚାଷ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ପାଇଁ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଜିଲ୍ଲା ପ୍ରଶାସନ ଏବଂ ବିଭିନ୍ନ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପ୍ରସ୍ତୁତି ପଦକ୍ଷେପରେ ସନ୍ତୋଷ ପ୍ରକାଶ କରି ଶ୍ରୀ ସିଂହଦେଓ କହିଥିଲେ ଯେ କେନ୍ଦୁଝର ଜିଲ୍ଲା ଖରିଫ-୨୦୨୬ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ। ସେ ଆଶା ବ୍ୟକ୍ତ କରିଛନ୍ତି ଯେ, ସ୍ୱାଭାବିକଠାରୁ କମ୍ ବର୍ଷା ହେବାର ପୂର୍ବାନୁମାନ ସତ୍ତ୍ୱେ, ସମୟୋଚିତ ପଦକ୍ଷେପ ଏବଂ ସମନ୍ୱିତ ପ୍ରୟାସ ଦ୍ୱାରା ଚଳିତ ଋତୁରେ ଭଲ ଉତ୍ପାଦନ ହେବ। ଏହି ଗସ୍ତ ସମୟରେ ତେଲକୋଇର ବିଧାୟକ ତଥା ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଡ. ଫକୀର ମୋହନ ନାଏକ ଏବଂ ପାଟଣାର ବିଧାୟକ ଶ୍ରୀ ଅଖିଳ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ଶ୍ରୀ ସଚିନ ରାମଚନ୍ଦ୍ର ଜାଧବ, କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଏହି ଗସ୍ତରେ ସାମିଲ ହୋଇଥିଲେ।

# ଯୋଗକୁ ଦୈନନ୍ଦିନ ଜୀବନର ଅଂଶ କରିବା

**ଭୁବନେଶ୍ୱର, ୨୩।୬ (ମହାଭାରତ):** 'ଯୋଗ' ହେଉଛି ଶରୀର, ମନ ଏବଂ ଆତ୍ମା ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ଶ୍ରେଷ୍ଠ ମାଧ୍ୟମ, ଯାହା ଆମକୁ ନିରନ୍ତର ଏକ ସୁସ୍ଥ ଜୀବନ ଦିଗରେ ଅଗ୍ରସର କରାଇଥାଏ। ଏହା କେବଳ ଏକ ଶାରୀରିକ ଅଭ୍ୟାସ ନୁହେଁ, ବରଂ ସନ୍ତୁଳିତ ଜୀବନଶୈଳୀ ଓ ସକାରାତ୍ମକ ଚିନ୍ତାଧାରାର ଏକ ସାଧନା। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର 'ଆନ୍ତର୍ଜାତୀୟ ଯୋଗ ଦିବସ' ପାଳନ କରିବା ଅବସରରେ ଯୋଗକୁ ଦୈନନ୍ଦିନ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଆହ୍ୱାନ ଦେଇଛନ୍ତି।

ଆଜି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ସାଉଥ୍ କ୍ୟାମ୍ପସ ଠାରେ ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କ ସହ ଯୋଗାଭ୍ୟାସ କରିବା ଅବସରରେ ଓଡ଼ିଶା ସମେତ ସମସ୍ତ ଦେଶବାସୀଙ୍କୁ ଆନ୍ତର୍ଜାତୀୟ ଯୋଗ ଦିବସର ଆନ୍ତରିକ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଅକ୍ଳାନ୍ତ ପ୍ରୟାସ ଯୋଗୁଁ ଆଜି ଯୋଗ ବିଶ୍ୱ ସ୍ତରରେ ଭାରତର ସାଂସ୍କୃତିକ ଚିହ୍ନଟ ଏବଂ ସୁସ୍ଥ ଜୀବନଶୈଳୀର ପ୍ରତୀକ ଭାବେ ପ୍ରତିଷ୍ଠିତ ହୋଇପାରିଛି। ବିଶ୍ୱ ସମ୍ମୁଖୀନ ହେଉଥିବା ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଭାରତୀୟ ସଭ୍ୟତାର ଏହି ମହାନ



ବିଜ୍ଞାନ ମଧ୍ୟରେ ରହିଛି ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ସେ କହିଛନ୍ତି,' ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଯୋଗକୁ କେବଳ ଗୋଟିଏ ଦିନରେ ସୀମିତ ନରଖି, ବର୍ଷର ୩୬୫ ଦିନ ନିଜ ଜୀବନରେ ସାମିଲ କରିବାର ସଙ୍କଳ୍ପ ନେବା ଆବଶ୍ୟକ।

# ଓଡ଼ିଶାର ୧୦ ବିଦ୍ୟାଳୟକୁ ଜାତୀୟ ମାନ୍ୟତା

**ଭୁବନେଶ୍ୱର, ୨୩।୬ (ମହାଭାରତ):** ଭାରତ ସରକାରଙ୍କ ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ (ଏସଏଚଭିଆର) ୨୦୨୫-୨୬ ପୁରସ୍କାର ନିମନ୍ତେ ବିଦ୍ୟାଳୟ ଓ ଗଣଶିକ୍ଷା ଅଧିନରେ ଥିବା ୧୦ ଟି ବିଦ୍ୟାଳୟକୁ ଚୟନ କରାଯାଇଛି। ଓଡ଼ିଶାର ପ୍ରାୟ ୨୦ ଟି ବିଦ୍ୟାଳୟକୁ ଜାତୀୟସ୍ତରୀୟ ମୂଲ୍ୟାଙ୍କନ ପାଇଁ ନୋମିନେଟ୍ କରାଯାଇଥିଲା, ଯେଉଁଥିରୁ ୧୦ ଟି ବିଦ୍ୟାଳୟକୁ ଏସଏଚଭିଆର ୨୦୨୫-୨୬ ଅନ୍ତର୍ଗତ ଜାତୀୟ ପୁରସ୍କାର ଏବଂ ସ୍ୱୀକୃତି ପାଇଁ ମନୋନୀତ କରାଯାଇଛି।



ସ୍ୱଚ୍ଛ ଏବଂ ହରିତ୍ ବିଦ୍ୟାଳୟ ମୂଲ୍ୟାଙ୍କନ ବା ଏସଏଚଭିଆର ମୁଖ୍ୟତଃ ପରିମଳ ଏବଂ ପରିଚ୍ଛନ୍ନତା, ନିରାପଦ ପାନୀୟ ଜଳର ଉପଲବ୍ଧତା, ସବୁଜିମା ଏବଂ ଜୈବ ବିବିଧତା, ବର୍ଜ୍ୟବସ୍ତୁ ପରିଚାଳନା ଅଭ୍ୟାସ ଭଳି ପ୍ରମୁଖ ମାନଦଣ୍ଡ ଉପରେ ବିଦ୍ୟାଳୟଗୁଡ଼ିକୁ ମୂଲ୍ୟାଙ୍କନ କରେ। ଏହି ପଦକ୍ଷେପ ବିଦ୍ୟାଳୟଗୁଡ଼ିକୁ ଛାତ୍ରଛାତ୍ରୀଙ୍କ ସୁସ୍ଥ ସ୍ୱାସ୍ଥ୍ୟକୁ ସୁନିଶ୍ଚିତ କରିବା ସହିତ ପରିବେଶ ସୁରକ୍ଷା ଦିଗରେ ଦାୟିତ୍ୱପୂର୍ଣ୍ଣ ଅଭ୍ୟାସଗୁଡ଼ିକୁ ଗ୍ରହଣ କରିବାକୁ ଉତ୍ସାହିତ କରିଥାଏ।

ଏହି ଜାତୀୟସ୍ତରୀୟ ମାନ୍ୟତା ଓଡ଼ିଶାର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ସ୍କୁଲ ପରିଚାଳନା କମିଟି ଏବଂ ସ୍ଥାନୀୟ ସମ୍ପ୍ରଦାୟର ମିଳିତ ପ୍ରୟାସକୁ ପ୍ରତିଫଳିତ କରୁଛି। ଏହି ସ୍ୱୀକୃତି ପାଇବା ପରେ ବିଦ୍ୟାଳୟସ୍ତରରେ ପରିବେଶ ସୁରକ୍ଷାର ବାର୍ତ୍ତା ପହଂଚାଇବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ। ସୂଚନାଯୋଗ୍ୟ, ଜାତୀୟସ୍ତରରେ ୨୯ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଂଚଳରୁ ୧୯୧ ସ୍କୁଲକୁ ଏସଏଚଭିଆର ୨୦୨୫-୨୬ ଅଧୀନରେ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରତ୍ୟେକ ବିଜେତା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର, ସ୍ୱୀକୃତି ପ୍ରମାଣପତ୍ର ଏବଂ ତିନି ଦିନିଆ ଏକ୍ସପୋଜର ପରିଦର୍ଶନରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିବ।

# ସାଂସଦ ଚିକିତ୍ସା ଶିବିର ମୋତେ ଦିଏ ଆତ୍ମସନ୍ତୋଷ

**ଭୁବନେଶ୍ୱର, ୨୩।୬ (ମହାଭାରତ):** ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ପ୍ରୟାସ ରେ ତାଙ୍କ ସଂସଦୀୟ କ୍ଷେତ୍ରର ବିଭିନ୍ନ ଅଂଚଳରେ ଆରମ୍ଭ ହୋଇଥିବା ସାଂସଦ ଚିକିତ୍ସା ଶିବିର ଧୀରେ ଧୀରେ ହେବାକୁ ଲାଗିଛି ବେଶ୍ ଲୋକପ୍ରିୟ।ସେବା ଓ ବିକାଶ ର ମୂଳ ମନ୍ତ୍ର କୁ ପାଥେୟ କରି ରାଜନୀତି କରିବାକୁ ଗୁରୁତ୍ୱ ଦେଉଥିବା ନେଇ ପୁନର୍ବାର କହିବା ସହିତ, ବାଲିପାଟଣାରେ ଷଷ୍ଠ ସାଂସଦ ଚିକିତ୍ସା ଶିବିର ଆୟୋଜନ ଅବସରରେ ଏହା ତାଙ୍କୁ ଆତ୍ମ ସନ୍ତୋଷ ଦେଉଥିବା ନେଇ କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏଥିସହିତ ଏଭଳି ଲୋକ ହିତକର କାମରେ ସରକାରଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି ସାଂସଦ। ଗତ ଜାନୁଆରୀ ୭ତାରିଖ ୨୦୨୬ ରେ ଦେଙ୍ଗୁଣିଆରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ପ୍ରତ୍ୟେକ ମାସର ତୃତୀୟ ରବିବାର ରେ ,ବାଲିଅନ୍ତା, ଚନ୍ଦକା, କୁହୁଡ଼ି ଏବଂ ବୋଲଗଡ଼ରେ ସଫଳତାର ସହ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା।ଯେଉଁଠାରେ ହଜାର ହଜାର ଲୋକ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ମାଗଣା ଔଷଧ ପାଇ ଉପକୃତ ହୋଇଥିଲେ।ଚଳିତ ଜୁନ ମାସରେ ଏହି ଷଷ୍ଠ ସାଂସଦ ଚିକିତ୍ସା ଶିବିର ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ଗ୍ରାମ ପଂଚାୟତର ପି.ଏମ୍. ଶ୍ରୀ ବନମାଳୀପୁର ହାଇସ୍କୁଲ ପରିସରରେ ଆୟୋଜିତ ହୋଇଥିଲା। ଏହି ଶିବିରରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ।ଏହି ଅବସରରେ ସାଂସଦ କହିଥିଲେ ଯେ, ୨୦୧୯ ମସିହାରେ ଭୁବନେଶ୍ୱରବାସୀଙ୍କ ଆଶୀର୍ବାଦରେ ସାଂସଦ ଭାବେ ନିର୍ବାଚିତ ହେବା



ପରଠାରୁ ତାଙ୍କର ଲକ୍ଷ୍ୟ ଥିଲା ସମସ୍ତଙ୍କୁ ମୌଳିକ ସୁବିଧା ଯୋଗାଇଦେବା। ପ୍ରତ୍ୟେକ ପରିବାର କିପରି ବାସଗୃହ, ସଡ଼କ, ବିଦ୍ୟୁତ୍ ସୁବିଧା ପାଇବେ ଏବଂ ସମସ୍ତେ କିପରି ସୁସ୍ଥ ଓ ନିରାମୟ ଜୀବନ ବିତାଇବେ, ସେଥିପାଇଁ ସେ ନିରନ୍ତର କାର୍ଯ୍ୟ କରୁଛନ୍ତି।ସେ କହିଥିଲେ ଯେ, ଲୋକଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଚଳିତ ବର୍ଷରୁ "ସାଂସଦ ଚିକିତ୍ସା ଶିବିର" ଆରମ୍ଭ କରାଯାଇଛି ଏବଂ ଏହା କୁ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରତ୍ୟେକ ବ୍ଲକରେ ପର୍ଯ୍ୟାୟକ୍ରମେ ଆୟୋଜନ କରାଯିବ। ସାଂସଦ ଅପରାଜିତା ଷଡ଼ଙ୍ଗୀ ଆହୁରି କହିଥିଲେ, "ମୋର ସାଂସଦୀୟ କ୍ଷେତ୍ରରେ ବସବାସ କରୁଥିବା ଭାଇ, ଭଉଣୀ, ମା' ଓ ମାଉସୀମାନେ କିପରି ସୁସ୍ଥ, ସଚେତନ ଏବଂ ନିରାମୟ ଜୀବନ ବିତାଇବେ, ତାହା ହିଁ ମୋର ପ୍ରମୁଖ ଲକ୍ଷ୍ୟ।" ସ୍ୱାସ୍ଥ୍ୟ ସେବାକୁ ଗାଁ ଗାଁରେ ପହଂଚାଇବା ଏବଂ ଲୋକଙ୍କୁ ନିଶୁଳ୍କ ଚିକିତ୍ସା ପରାମର୍ଶ ଓ ସେବା ଯୋଗାଇବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ସେ ପ୍ରକାଶ କରିଥିଲେ।ଏହି ଷଷ୍ଠ ସାଂସଦ ଚିକିତ୍ସା ଶିବିର ରେ ମୋଟ ୬୯୧ ଜଣଙ୍କର ମେଡିସିନ ବିଭାଗ ,ଶିଶୁ ରୋଗ ବିଭାଗ ,ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ ,କର୍ଣ୍ଣ, ନାସା ଓ କଣ୍ଠ ବିଭାଗ ,ଦନ୍ତ ଚିକିତ୍ସା ବିଭାଗ ,ଅସ୍ଥି ରୋଗ ବିଭାଗ ଓ ଚକ୍ଷୁ ରୋଗ ବିଭାଗ ଅଧିନରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହିତ ଆବଶ୍ୟକୀୟ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ସାଂସଦ ଚିକିତ୍ସା ଶିବିରରେ ସମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର, ବାଲିପାଟଣା ବ୍ଲକ୍ର ଚିକିତ୍ସା ଅଧିକାରୀ ଡାକ୍ତର ଶ୍ରୀକାନ୍ତ ବେହେରା ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ବନମାଳୀପୁରର ସମସ୍ତ ଅଧିକାରୀ ସହଯୋଗ କରିଥିଲେ। ଶିବିରରେ ଗ୍ରାମାଂଚଳର ବହୁ ସଂଖ୍ୟକ ଲୋକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ।

# ସରକାର ନାରୀ ସୁରକ୍ଷା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ଶ୍ୱେତପତ୍ର ପ୍ରକାଶ କରନ୍ତୁ

**ଭୁବନେଶ୍ୱର, ୨୩।୬ (ମହାଭାରତ):** ଦିନେ ଶାନ୍ତି ପ୍ରିୟ ରାଜ୍ୟ ଭାବେ ଖ୍ୟାତି ଅର୍ଜନ କରିଥିବା ଓଡିଶା ଏବେ ଦୁର୍ନୀତି, ଭିଡହିଂସା, ନାରୀ ନିର୍ଯାତନା ଓ ଆଇନଶୃଙ୍ଖଳାର ଅଧୋଗତି ପାଇଁ ସାରା ବିଶ୍ୱରେ ଅପଖ୍ୟାତି ଅର୍ଜନ କରୁଛି। ଏହାର ଶ୍ରେଷ୍ଠ ଉଦାହରଣ ହେଉଛି ରାୟଗଡା ଜିଲ୍ଲା କଲ୍ୟାଣସିଂହପୁରରେ ଦୁଇ ଜଣ ବାହାର ରାଜ୍ୟର ଯୁବକଯୁବତୀଙ୍କୁ ଅମାନୁଷିକ ଭାବେ ୪୦ରୁ ଉର୍ଦ୍ଧ୍ୱ ଲୋକ ମାଡ ମାରିବା। ଏହା ଦର୍ଶାଉଛି ରାଜ୍ୟ ଶାସନରେ ବିଜେପି ସରକାରର କର୍ତ୍ତୃତ୍ୱ ନାହିଁ ବୋଲି ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟରେ ପ୍ରତିଦିନ ଘଟୁଥିବା ଅମାନବୀୟ ଘଟଣା ଓ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତାକୁ ନେଇ ସମାଲୋଚନା କରିଥିଲେ। ଶ୍ରୀମତୀ ସୁଲତା ଦେଓ କହିଛନ୍ତି, ଆଜି ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ପାଇଁ ବିଭିନ୍ନ ଉତ୍ସବ ପାଳନ, ଯୋଜନାର ଶୁଭାରମ୍ଭ, ଉଦ୍ଘାଟନ ଓ ବ୍ୟାପକ ବିଜ୍ଞାପନ ପ୍ରଚାରରେ ବ୍ୟସ୍ତ ଥିବାବେଳେ, ରାଜ୍ୟରେ ଘଟୁଥିବା ଗୁରୁତର ଓ ଚିନ୍ତାଜନକ ଘଟଣା ପ୍ରତି ସରକାରଙ୍କ ଉଦାସୀନତା ସ୍ପଷ୍ଟ ଭାବେ ପରିଲକ୍ଷିତ ହେଉଛି। ରାୟଗଡ଼ାରେ ଘଟିଥିବା ବର୍ବର ଘଟଣା ରାଜ୍ୟବାସୀଙ୍କୁ ସ୍ତବ୍ଧ ଓ ଆନ୍ଦୋଳିତ କରିଛି। ଓଡ଼ିଶା କଣ ଆଜି ମଧ ଏକ ଶାନ୍ତି ପ୍ରିୟ ରାଜ୍ୟ ଭାବେ ନିଜର ପରିଚୟ ବଜାୟ ରଖିଛି, ନା ଧୀରେ ଧୀରେ ଅଶାନ୍ତି ଓ ବର୍ବରତାର ପଥରେ ଅଗ୍ରସର ହେଉଛି? ଦାରିଙ୍ଗବାଡ଼ିରୁ ଥୁଆମୂଳ ରାମପୁର ଯାଉଥିବା ବେଳେ



ଭୁଲବଶତଃ ରାୟଗଡା ଜିଲ୍ଲାର କଲ୍ୟାଣପୁର ରାସ୍ତାରେ ଯିବା ବେଳେ ଘଟିଥିବା ଘଟଣାର ଭିଡିଓ ଯେଉଁମାନେ ଦେଖିଛନ୍ତି, ସେମାନେ ନିଶ୍ଚିତ ଭାବେ ଲଜ୍ଜିତ, ବିଚଳିତ ଓ ମର୍ମାହତ ହୋଇଛନ୍ତି। ଭିଡିଓରେ ଦେଖାଯାଇଥିବା ହିଂସା, ଅମାନବିକତା ଓ ବର୍ବରତା ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ଦୁଃଖଦ ଓ ନିନ୍ଦନୀୟ। ରାଜ୍ୟରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିଲା ବେଳେ ଭିଡ ହିଂସା ମଧ ବଢି ଚାଲିଛି। କିଛି ଦିନ ତଳେ ବାଲିଅନ୍ତାର ଜଣେ ପୋଲିସ କନେଷ୍ଟବଳ ସୌମ୍ୟ ସ୍ୱାଇଁଙ୍କୁ ବାଡେଇ ବାଡେଇ ମାରିଦେବା ଘଟଣା, ନିକଟରେ ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ମହାକାଳପଡା ବିଡିଓଙ୍କ କାର୍ଯ୍ୟାଳୟରେ ଯେଉଁଭଳି ୧୫ରୁ ଅଧିକ ଗେରୁଆ ଗୁଣ୍ଡା ବାହିନୀମାନେ ଅଶୋଭନୀୟ ଆଚରଣ ପ୍ରଦର୍ଶନ କଲେ ତାହା ଗଭୀର ଚିନ୍ତାଜନକ। କଲ୍ୟାଣସିଂହପୁରରେ ଗତ ୧୬ ତାରିଖ ଦିନ ଯେଉଁଭଳି ପାଠପଢିବାକୁ ଆସିଥିବା ଅନ୍ୟ ରାଜ୍ୟର ଯୁବକଯୁବତୀଙ୍କୁ ଭିଡହିଂସାର ଶିକାର ହେବାକୁ ପଡିଥିଲା ତାହା ରାଜ୍ୟର ପରିଚୟକୁ ତଳକୁ ନେଇଛି। ଯେଉଁ ବିଜେପି ଦଳ ମହିଳା ଶାଖାର କାର୍ଯ୍ୟକର୍ତ୍ତାମାନେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ନେତୃତ୍ୱରେ ମହିଳା ଆକ୍ରୋଶ ରାଲି କରୁଥିଲେ। କଲ୍ୟାଣସିଂହପୁରରେ ଘଟୁଥିବା ଅମାନବୀୟ ଘଟଣାରେ ପାଟି ଖୋଲୁ ନାହାନ୍ତି କାହିଁକି। ପୋଲିସ ବିଭାଗରେ କମ୍ କର୍ମଚାରୀ ଥିବାରୁ ରାଜ୍ୟର ସୁରକ୍ଷା ବ୍ୟବସ୍ଥା ସଠିକ କାର୍ଯ୍ୟକ୍ଷମ ହେଉପାରୁନାହିଁ। ଅନ୍ୟପଟେ ପୋଲିସ ବିଭାଗରେ ଥିବା ବଡ ବାବୁ ମାନେ ନିଜ ଘର ତଥା ବ୍ୟକ୍ତିଗତ କାମ ପାଇଁ ୫ରୁ ୮ କର୍ମଚାରୀ ନିୟୋଜିତ କରୁଛନ୍ତି।

# ନବୀନଙ୍କୁ ଭେଟିଲା ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତିନିଧି ମଣ୍ଡଳୀ



**ଭୁବନେଶ୍ୱର, ୨୩।୬ (ମହାଭାରତ):** ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ରାଜ୍ୟର ସ୍ୱାସ୍ଥ୍ୟ ମିତ୍ର ମାନଙ୍କର ଏକ ପ୍ରତିନିଧି ମଣ୍ଡଳୀ ସୋମବାର ସାକ୍ଷାତ କରି ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ ୯୯୩ ଜଣ ସ୍ୱାସ୍ଥ୍ୟମିତ୍ରଙ୍କୁ ଅଚାନକ ଛଟେଇ କରିବା ପ୍ରତିବାଦରେ 'ଅଲ୍ ଓଡ଼ିଶା ସ୍ୱାସ୍ଥ୍ୟମିତ୍ର ସଂଘ' ପକ୍ଷରୁ ଅନ୍ଦୋଳନ କରାଯାଉଛି। ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତି ହୋଇଥିବା ଅନ୍ୟାୟ ଛଟେଇ ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର , ସମସ୍ତ ସ୍ୱାସ୍ଥ୍ୟମିତ୍ରଙ୍କୁ ଚାକିରି ସୁରକ୍ଷା ପ୍ରଦାନ ଏବଂ ଆଉଟ୍ ସୋର୍ସିଙ୍ଗ ପ୍ରଥା କୁ ଉଚ୍ଛେଦ କରି ସିଧା ସଳଖ ଡିପାର୍ଟମେଣ୍ଟ ଅଧୀନକୁ ନେବାକୁ ସଂଘ ଦାବି କରିଛି।

# ବିଏମ୍‌ସି ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ

**ଭୁବନେଶ୍ୱର, ୨୩।୬ (ମହାଭାରତ):** ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇଁ ଯୋଗ ନିତାନ୍ତ ଆବଶ୍ୟକ। ଯୋଗ କଲେ ମନୁଷ୍ୟ ସୁସ୍ଥ ରହିବା ସହ ଶାନ୍ତିରେ ଜୀବନ ନିର୍ବାହ କରିବ। କାହିଁ କେଉଁ ଆଦିମ କାଳରୁ ଭାରତୀୟ ଯୋଗୀଋଷିମାନେ ଯୋଗ ବଳରେ ସୁସ୍ଥ ଓ ନିରୋଗ ରହିବା ସହ ଆଗତ ଭବିଷ୍ୟତ କଥା ଜାଣିପାରୁଥିଲେ। ଯୋଗ ମନକୁ ସ୍ଥିର ଓ ନିଜକୁ ଚିହ୍ନିବାର ବାଟ ବତାଇଥାଏ। ଭାରତର ଏହି ମହାନ ଯୋଗ ସଂସ୍କୃତିକୁ ଆଜି ବିଶ୍ୱବାସି ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି)ପକ୍ଷରୁ ଏକ ଯୋଗ ଶିବିର ମୁଖ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଥିମ୍ ରହିଛି "ନିରୋଗ ବାର୍ଦ୍ଧକ୍ୟ ପାଇଁ ଯୋଗ"। ଏହି ଉପଲକ୍ଷେ ଆୟୋଜିତ



କାର୍ଯ୍ୟକ୍ରମରେ ବିଏମ୍ ସି କମିଶନର ଶ୍ରୀ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ଶ୍ରୀ କୈଳାସ ଚନ୍ଦ୍ର ଦାସ, କର୍ପୋରେଟର ଅମରେଶ ଜେନା, ମଧୁସ୍ମିତା ପ୍ରଧାନଙ୍କ ସମେତ ବିଏମ୍ ସିର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଶିକ୍ଷା ନବୀଶ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରମୁଖ ଯୋଗ ପ୍ରଶିକ୍ଷିକା ଶ୍ରୀମତୀ ଇତିଶ୍ରୀ ନନ୍ଦ ଓ ତାଙ୍କ ସାଥୀମାନେ ଯୋଗାସନର ମହତ୍ୱ ଓ ଗୁରୁତ୍ୱ ଉପରେ ତାଲିମ ଦେବା ସହ ଯୋଗ ଶିକ୍ଷାଦାନ କରିଥିଲେ। କର୍ମକ୍ଳାନ୍ତ ଜୀବନରେ ଶରୀରକୁ ସୁସ୍ଥ ରଖିବାକୁ ହେଲେ ଦୈନିକ କିଛି କିଛି ଯୋଗାସନ କରିବା ଦରକାର। କାରଣ ସୁସ୍ଥ ଶରୀର ସୁସ୍ଥ ମନର ପରିଚାୟକ। ଏହା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟ କରିବାର ଆଗ୍ରହ ବଢିଥାଏ। ଫଳରେ ମନୁଷ୍ୟ ଦୀର୍ଘାୟୁ ହୋଇଥାଏ। ଏହା ଆମ ଭାରତୀୟ ପରମ୍ପରା ଏବଂ ମୁନିଋଷିମାନେ ପ୍ରମାଣିତ କରିଦେଇଯାଇଛନ୍ତି ବୋଲି କହିଛନ୍ତି ବିଏମ୍ ସି କମିଶର ଶ୍ରୀ ଚଞ୍ଚଳ ରାଣା। ଏହି ଶିବିର ରେ ୧୦୦ ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେଇଥିଲେ।

# ସ୍ନାତକ ପାଠ୍ୟକ୍ରମ ନାମଲେଖା ପାଇଁ ମେଧା ତାଲିକା ପ୍ରକାଶ

**ଭୁବନେଶ୍ୱର, ୨୩।୬ (ମହାଭାରତ):** ଶିକ୍ଷାବର୍ଷ ୨୦୨୬-୨୭ ସ୍ନାତକ ପାଠ୍ୟକ୍ରମ ନାମଲେଖାର (ଫେଜ୍-୧ ଆଡ଼ମିଶନ)ପ୍ରଥମ ମେଧା ତାଲିକା ସୋମବାର ପ୍ରକାଶିତ ହୋଇଛି। ପ୍ରଥମ ମେଧା ତାଲିକାରେ ରାଜ୍ୟର ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି।

ରାଜ୍ୟର ବିଭିନ୍ନ ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକ ପାଠ୍ୟକ୍ରମ ପାଇଁ ମୋଟ୍ ୨,୮୭,୩୨୭ଟି ଆସନ ରହିଥିବାବେଳେ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ସେଥିମଧ୍ୟରୁ ପ୍ରଥମ ମେଧା ତାଲିକାରେ ୧,୭୮,୭୮୨ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ମନୋନୀତ ହୋଇଛନ୍ତି। ମନୋନୀତ ହୋଇଥିବା ଛାତ୍ରଛାତ୍ରୀଙ୍କମାନଙ୍କ ମଧ୍ୟରେ ୬୯,୧୮୨ ଜଣ ପୁଅ, ୧,୦୯,୫୯୧ ଜଣ ଝିଅ ଏବଂ ୯ ଜଣ ଟ୍ରାନ୍ସଜେଣ୍ଡର ଛାତ୍ରଛାତ୍ରୀ ଅଛନ୍ତି।

ପ୍ରଥମ ମେଧା ତାଲିକାରେ କଳାରେ ୧,୧୨,୮୨୨ ଜଣ, ବିଜ୍ଞାନରେ ୪୩,୬୯୩ ଜଣ, ବାଣିଜ୍ୟରେ ୧୫,୬୨୪ ଜଣ, ଶାସ୍ତ୍ରୀ ପାଠ୍ୟକ୍ରମରେ ୩,୩୭୧ଜଣ, ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ ୩,୨୪୫ଜଣ ଏବଂ ଲ' (ଆଇନ) ପାଠ୍ୟକ୍ରମ ପାଇଁ ୧୬୭ଜଣ ଛାତ୍ରଛାତ୍ରୀ ମନୋନୀତ ହୋଇଛନ୍ତି।

କଳା ପାଠ୍ୟକ୍ରମରେ ରାଜନୀତି ବିଜ୍ଞାନ ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୫୦% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ସେହିପରି ଫିଜିକାଲ ସାଇନ୍ସରେ ଫିଜିକ୍ସ ପାଇଁରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୬.୫୦% ପ୍ରତିଶତ ଏବଂ ବାୟୋଲୋଜିକାଲ ସାଇନ୍ସରେ ଜୁଲୋଜି (ପ୍ରାଣୀ ବିଜ୍ଞାନ) ପାଇଁ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ୯୪.୮୩% ପ୍ରତିଶତ କଟ୍ ଅଫ ମାର୍କ ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୮୯.୧୭%, ଶାସ୍ତ୍ରୀ ପାଠ୍ୟକ୍ରମରେ ବ୍ରଜକିଶୋର ସଂସ୍କୃତି ଡିଗ୍ରୀ ମହାବିଦ୍ୟାଳୟ, ଗଡ଼ବିଷ୍ଣୁପୁର ପାଇଁ ୬୭.୫୭%, ସେଲ୍ଫ ଫାଇନାନ୍ ?ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟ ପାଇଁ ୯୨%, ଲ' (ଆଇନ) ପାଠ୍ୟକ୍ରମରେ ମଧୁସୂଦନ ଆଇନ ବିଶ୍ୱ ବିଦ୍ୟାଳୟର ୫ ବର୍ଷିଆ ଇଂଟିଗ୍ରେଟେଡ୍ ବିଏ ଏଲଏଲବି ପାଠ୍ୟକ୍ରମ ପାଇଁ ୮୯.୪୦% କଟ୍ ଅଫ ମାର୍କ ରହିଛି।

ପ୍ରଥମ ମେଧା ତାଲିକାରେ ଚୟନୀତ ଏବଂ 'ଫ୍ରିଜ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ଜୁନ୍ ୨୩ ତାରିଖରୁ ଜୁନ୍ ୨୫ ତାରିଖ ମଧ୍ୟରେ ଉଚ୍ଚ ଶିକ୍ଷାନୁଷ୍ଠାନକୁ ଯାଇ ନିଜର ନାମଲେଖା ପ୍ରକ୍ରିୟା ସମ୍ପନ୍ନ କରିବେ। 'ସ୍ଲାଇଡ୍/ଫ୍ଲୋଟ୍' ବିକଳ୍ପ ବାଛିଥିବା ଛାତ୍ରଛାତ୍ରୀମାନେ ନିଜର ଆବଂଟିତ ଆସନ ପାଇଁ ନାମଲେଖା ଶୁଳ୍କ ଜମା କରି ଦ୍ୱିତୀୟ ପର୍ଯ୍ୟାୟ ଚୟନ ତାଲିକାକୁ ଅପେକ୍ଷା କରିବେ। ପ୍ରଥମ ପସନ୍ଦର ଅନୁଷ୍ଠାନରେ ଆସନ ପାଇଥିଲେ ମଧ୍ୟ ନାମ ଲେଖାଇବାକୁ ଇଚ୍ଛୁକ ନଥିବା ଛାତ୍ରଛାତ୍ରୀମାନେ ନୂତନ ଭାବେ ପ୍ରଚଳିତ 'ଅଲ୍ଟର' ବିକଳ୍ପ ମାଧ୍ୟମରେ ଓଟିପି ଭିତିକ ଯାଂଚ ଦ୍ୱାରା ନିଜ ପସନ୍ଦ ପରିବର୍ତ୍ତନ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଶିବସେନା ଦୁଇଫାଳ

ଆଦିତ୍ୟ ଠାକରେ ହେବେ ଶିବସେନାର ମାଲିକ। ଯାହା ଜଣାପଡୁଛି କଂଗ୍ରେସର ରୋଗ ଏବେ ଶିବସେନାକୁ ମଧ୍ୟ ସଂକ୍ରମିତ କରିଛି। ଏହା ହିଁ ଶିବସେନାର ପତନ ଲାଗି ମୁଖ୍ୟ କାରଣ ହେବେ। ଯେଉଁ ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ, ସେହି ଦଳ ଦିନେ ଧ୍ୱଂସ ହେବ। ଶିବସେନାର ପ୍ରତିଷ୍ଠାତା ବାଲା ସାହେବ ଠାକରେ ତାଙ୍କ ପରେ ତାଙ୍କ ଦଳର ନେତୃତ୍ୱ ତାଙ୍କ ପରିବାର ହାତରେ ରହିବ ବୋଲି କେଉଁଠି କହିନାହାଁନ୍ତି। ଏବେ ଉଦ୍ଧବ ଓ ତାଙ୍କ ପୁଅ ଆଦିତ୍ୟ ତାଙ୍କ ନିଜ ଲୋକେ ତାଙ୍କୁ ପ୍ରତାରଣା କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି। କିନ୍ତୁ ସେ ଭୁଲି ଯାଉଛନ୍ତି ଯେ, ସେମାନେ ମହାରାଷ୍ଟ୍ରବାସୀଙ୍କୁ ପ୍ରତାରଣା କରିଛନ୍ତି। ରାଜ୍ୟରେ ୨୦୨୦ବିଧାନସଭା ନିର୍ବାଚନରେ ଲୋକେ ବିଜେପି-ଶିବସେନା ମେଣ୍ଟ ପ୍ରତି ଅକୁଣ୍ଠ ସମର୍ଥନ ପ୍ରକାଶ କରିଥିଲେ। ବିଧାନସଭା ନିର୍ବାଚନରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିଶଙ୍କ ନେତୃତ୍ୱରେ ଏନଡିଏକୁ ଲୋକେ ସ୍ପଷ୍ଟ ବହୁମତ ଦେଇଥିଲେ। ବିଜେପି ଏକାକି ୧୦୬ ଓ ଶିବସେନା ୫୫ ଆସନ ଦଖଲ କରିଥିବା ବେଳେ ଅନ୍ୟ ସହଯୋଗୀ ମାନେ ୭ଟି ଆସନ ଦଖଲ କରିଥିଲେ। ଦେବେନ୍ଦ୍ର ଫଡ଼ନାବିଶଙ୍କ ନେତୃତ୍ୱ ସପକ୍ଷରେ ସ୍ପଷ୍ଟ ଜନମତ ଥିଲା। କିନ୍ତୁ ନିର୍ବାଚନ ପରେ ଉଦ୍ଧବ ଠାକରେ ନିଜ ପୁଅକୁ ମୁଖ୍ୟମନ୍ତ୍ରୀ କରିବା ଜିଦରେ ଅଟଳ ରହି ବିଜେପି ସହ ସମ୍ପର୍କ ଛିନ୍ନ କଲେ। କ୍ଷମତା ଲୋଭ ତାଙ୍କୁ ଅନ୍ଧ କରି ଦେଇଥିଲା। ଏହା ପୂର୍ବରୁ ବିଜେପି ସହ ମେଣ୍ଟ ଏବଂ କ୍ଷମତାର ଅଂଶୀଦାର ଥିଲେ ମଧ୍ୟ ଶିବସେନା ବିଭିନ୍ନ ପ୍ରସଙ୍ଗରେ ବିଜେପି ଏବଂ କେନ୍ଦ୍ରରେ ମୋଦି ସରକାରଙ୍କୁ ବାରମ୍ବାର ସମାଲୋଚନା କରି ଆସୁଥିଲା ଏବଂ କେନ୍ଦ୍ର ସରକାରଙ୍କ ପ୍ରତି ଅତି ଅରୁଚିକର, କଟୁ ମନ୍ତବ୍ୟ ପ୍ରଦାନ କରି ଆସୁଥିଲା। ସେତିକି ବେଳୁ ବିଜେପି ସତର୍କ ହୋଇଯିବାର ଥିଲା ଏବଂ ଶିବସେନାକୁ ବିଶ୍ୱାସକୁ ନେବା ଉଚିତ ନଥିଲା। ଗୋଟିଏ ମେଣ୍ଟରେ ଥିବା ଦଳ ନିଜ ସହଯୋଗୀ ଏବଂ ବନ୍ଧୁ ଦଳ ପ୍ରତି ଏପରି ବ୍ୟବହାର କରିବା କଦାପି ଗ୍ରହଣୀୟ ନଥିଲା। ଶିବସେନାର ମୁଖପତ୍ର ସାମନାରେ ଯେପରି ଭାବେ ବିଜେପି ନେତୃତ୍ୱ ବିରୋଧରେ ସ୍ୱର ଉତ୍ତୋଳନ କରାଯାଉଥିଲା ତାହା ଶିବସେନାରେ ଆଭିମୁଖ୍ୟ ନେଇ ସନ୍ଦେହ ସୂତ୍ରପାତ କରିଥିଲା। କିନ୍ତୁ ବିଜେପି ନିଜ ସହଯୋଗୀ ଦଳ ଉପରେ ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରିଥିଲା। ଏହାର ମୂଲ୍ୟ ଶିବସେନା ଦେଇ ପାରିଲା ନାହିଁ। ବିଧାନସଭା ନିର୍ବାଚନରେ ଯେଉଁ କଂଗ୍ରେସ ଓ ଏନସିପି ବିରୋଧରେ ଶିବସେନା ଲଢ଼ିଥିଲା, ସେହି କଂଗ୍ରେସ ଓ ଏନସିପି ସହ ହାତ ମିଳାଇ ସରକାର ଗଠନ କଲା। ଏହା କ'ଣ ମହାରାଷ୍ଟ୍ରବାସୀଙ୍କ ପ୍ରତି ପ୍ରତାରଣା ନଥିଲା? ଏହା କ'ଣ ଜନତାଙ୍କ ଆଶା ଓ ବିଶ୍ୱାସ ପ୍ରତି କୁଠାରଘାତ ନଥିଲା? ସେତେବେଳେ ଉଦ୍ଧବଙ୍କ ନୀତି, ନୈତିକତା ଏବଂ ବିଶ୍ୱାସ କେଉଁଠି ଥିଲା? ଏବେ ଉଦ୍ଧବ କହୁଛନ୍ତି ଯେ, ତାଙ୍କ ନିଜ ଲୋକ ତାଙ୍କୁ ଧୋକା ଦେଲେ। କିନ୍ତୁ ଯିଏ ନିଜେ ବନ୍ଧୁଦ୍ରୋହୀ ତାଙ୍କ ମୁହଁରେ ବିଶ୍ୱାସ, ପ୍ରତାରଣା ଭଳି ଶବ୍ଦ ଶୋଭାପାଉନି। ସମ୍ଭବତଃ ମହାରାଷ୍ଟ୍ରରେ ଯେଉଁ ମହାନାଟକ ହେଲା ତାହା ଅବଶ୍ୟମ୍ଭାବୀ ଥିଲା। ୨୦୨୫ ବିଧାନସଭା ନିର୍ବାଚନରେ ମହାରାଷ୍ଟ୍ରବାସୀ ଏହାର ଜବାବ ଦେଇଛନ୍ଦତି। ନିର୍ବାଚନରେ ଉଦ୍ଧବ ଠାକରେଙ୍କ ଶିବସେନା ମୂଳପୋଛ ହୋଇଯାଇଛି। ପୌର ନିର୍ବାଚନରେ ମଧ୍ୟ ଶିବସେନା ହାତରୁ ମୁମ୍ବାଇ ଚାଲିଗଲା। ଏବେ ଉଦ୍ଧବ ଠାକରେ ରାହୁଲଙ୍କ ପଦ ଲେହନ କରି ତାଙ୍କର ଚାଟୁକାରିତା କରିବା ବ୍ୟତିତ ଅନ୍ୟ ପନ୍ଥା ନାହିଁ। ମମତାଙ୍କ ଭଳି ଉଦ୍ଧବ ଠାକରେ ମଧ୍ୟ ଦିନେ ନିଜ ଭୁଲ ପାଇଁ ପଶ୍ଚାତାପ କରିବେ। ଏକ ପରିବାରର ସମ୍ପତ୍ତି ଭାବେ କୌଣସି ରାଜନୈତିକ ଦଳ କଦାପି ଅଧିକ ଦିନ ତିଷ୍ଠିପାରିବ ନାହିଁ। ଏହା ବାରମ୍ବାର ପ୍ରମାଣିତ ହୋଇଛି।

# ନୈତିକ ଶିକ୍ଷାର ଗୁରୁତ୍ୱ

**॥ ପ୍ରଦୀପ୍ତ ଆଚାର୍ଯ୍ୟ ॥**

> *"ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ।*

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୁର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୁଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି।

ପୁର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।

**ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ**
**ମୋ-୬୩୭୧୫୯୩୨୨୦**

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

**॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥**

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍ସ ଶବ୍ଦ ବାବଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧ୍ୟରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ଥା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖୁଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।

ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

**॥ ଶରତ କୁମାର ସାହୁ ॥**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ। ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି। ମା' ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ। ମା'କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା। ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ। ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି। କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି। ଜଣେ ମା'ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ। ତାହା କେବେ ବି ପୂରଣ ହୋଇପାରେନା। ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି। କିନ୍ତୁ ମା' ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା'ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ। ମା'ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ। ଏଥିରେ ସେ ତାଙ୍କ ମା'ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ। ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି। ମୋଦିଜୀ ଲେଖିଥିଲେ ମୋ ମା' ଅତି ସରଳ ଏବଂ ଅସାଧାରଣ। ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ। ଖୁବ କମ ବୟସରେ ନିଜ ମା'ଙ୍କୁ ହରାଇ ଦେବାପରେ ମୋ ମାଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ। ସେ ତୁଳା ଫ୍ୟାକ୍ଟ୍ରିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ। ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା। ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ। ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ। ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା। ତାଙ୍କ ମା'ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ। ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ। ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା। କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ। ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା। ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ। ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ।

'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩

## ଗ୍ରାମର ମୌଳିକ ସମସ୍ୟା ନେଇ ବିଡିଓଙ୍କୁ ଘେରିଲେ ମହିଳା



କରଞ୍ଜିଆ, (ମହାଭାରତ) : ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ପଞ୍ଚାୟତର ୮/୯ ନମ୍ବର ୱାର୍ଡ କଣ୍ଟାପୋଷି ଗ୍ରାମର ମହିଳାମାନେ ଆଜି ନିଜ ଗ୍ରାମର ମୌଳିକ ସମସ୍ୟା ସମାଧାନ ଦାବିରେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଘେରାଉ କରିଥିଲେ। ଗୋଟିଏ ପଟେ ବ୍ଲକ ପରିସରରେ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଚାଲିଥିବାବେଳେ, ଅନ୍ୟ ପଟେ ଗ୍ରାମବାସୀ ମୌଳିକ ସୁବିଧାର ଅଭାବକୁ ନେଇ ପ୍ରତିବାଦ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, କଣ୍ଟାପୋଷି ଗ୍ରାମରେ ୫୨ରୁ ଅଧିକ ପରିବାର ବସବାସ କରୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଗ୍ରାମରେ ପ୍ରାଥମିକ ଭିତ୍ତିଭୂମି ସୁବିଧା ଉନ୍ନତି ହୋଇନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସେମାନେ ଉନ୍ନତିର ସଠିକ ଚିତ୍ର ଦେଖିପାରିନାହାନ୍ତି। ଗ୍ରାମରେ ୫୦ରୁ ଅଧିକ ଛୋଟ ପିଲା ଥିଲେ ମଧ୍ୟ ଏଯାବତ୍ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର ସ୍ଥାପିତ ହୋଇନାହିଁ। ଫଳରେ ଛୋଟ ପିଲାମାନେ ଶିକ୍ଷା ଓ ପୋଷଣ ସେବା ପାଇବା ପାଇଁ ଅନ୍ୟ ଗ୍ରାମକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଗ୍ରାମକୁ ଯିବା ପାଇଁ ଯଥେଷ୍ଟ ରାସ୍ତା ସୁବିଧା ନଥିବାରୁ ବର୍ଷାଦିନରେ ଲୋକମାନଙ୍କ ଦୁର୍ଭୋଗ ଆହୁରି ବଢ଼ିଯାଉଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ଥିବାରୁ ଆପାତିତ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ପହଞ୍ଚିପାରୁନାହିଁ। ପାଣି ସମସ୍ୟା ମଧ୍ୟ ଗ୍ରାମବାସୀଙ୍କ ପାଇଁ ଗଭୀର ଚିନ୍ତାର ବିଷୟ। ବସୁଧା ଯୋଜନାରେ ପାଇପ ଓ ଷ୍ଟାଣ୍ଡ ପୋଷ୍ଟ ଲାଗିଥିଲେ ମଧ୍ୟ ଗ୍ରାମକୁ ପାଣି ଯୋଗାଣ ହେଉନାହିଁ। ଗ୍ରାମରେ ଥିବା ତିନୋଟି ନଳକୂପ ମଧ୍ୟରୁ ଦୁଇଟି ଦୀର୍ଘଦିନ ଧରି ଖରାପ ଥିବାରୁ ମାତ୍ର ଗୋଟିଏ ନଳକୂପ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି। ଆଜି ସକାଳ ୧୧ଟାରେ ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚିଥିଲେ। କିନ୍ତୁ ବିଡିଓ ଶ୍ରୀ ସ୍ୱପ୍ନେଶ୍ୱର ବେହେରା ବ୍ଲକ ପରିସରରେ ଆୟୋଜିତ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ମହିଳାମାନେ ପ୍ରାୟ ଅଢେଇ ଘଣ୍ଟା ଧରି ତାଙ୍କ କାର୍ଯ୍ୟାଳୟ ପିଣ୍ଡାରେ ଅପେକ୍ଷା କରିଥିଲେ। ପରେ ଦିନ ୧.୩୦ରେ ବିଡିଓ ମହିଳାମାନଙ୍କ ସହିତ ଆଲୋଚନା କରି ସମସ୍ୟାଗୁଡ଼ିକ ଶୁଣିଥିଲେ। ଏନେଇ ବିଡିଓ ଶ୍ରୀ ବେହେରା ଗୁରୁବାର ଦିନ ଗ୍ରାମକୁ ସ୍ୱୟଂ ଯାଇ ପରିସ୍ଥିତିର ତଦନ୍ତ କରିବେ ଓ ଯଥାସମ୍ଭବ ଶୀଘ୍ର ସମାଧାନ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀମାନେ କହିଛନ୍ତି, ଯଦି ତାଙ୍କ ଦାବି ଶୀଘ୍ର ପୂରଣ ହେବ ନାହିଁ, ତେବେ ଆଗାମୀ ଦିନରେ ସେମାନେ ଆହୁରି ବଡ଼ ଆନ୍ଦୋଳନ ମୁହଁ ରେକିବ ବୋଲି କହିଛନ୍ତି ।

## ସଡକ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

କରଞ୍ଜିଆ, (ମହାଭାରତ) : ଠାକୁରମୁଣ୍ଡା କରଞ୍ଜିଆ ରାସ୍ତା ର ଜୁଆଳିକଟା ଛକ ରେ ଘଟିଥିବା ଏକ ଦୁଃଖଦ ସଡକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁସାରେ ସଲାଇବେଡ଼ା ପଞ୍ଚାୟତ ଡଙ୍ଗାପାଣି ଗ୍ରାମର ସାଇନାଥ ସୁଣ୍ଡିଙ୍କ ଦୁଇପୁଅ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ କୌଣସି କାମ ପାଇଁ ବାଇକ ଯୋଗେ ନିଜ ଗ୍ରାମରୁ ଠାକୁରମୁଣ୍ଡା କୁ ଆସୁଥିଲେ। ଠାକୁରମୁଣ୍ଡା-କରଞ୍ଜିଆ ମୁଖ୍ୟ ରାସ୍ତାର ଜୁଆଳିକଟା ଛକ ନିକଟରେ ହଠାତ୍ ଏକ ବଳଦ ରାସ୍ତାକୁ ଆସିଯାଇଥିବାରୁ ବାଇକଟି ତାହାକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଦୁଇ ଭାଇ ରାସ୍ତା ତଳକୁ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଘଟଣା ସମ୍ପର୍କରେ ଜାଣି ତୁରନ୍ତ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ଚିକିତ୍ସା କରୁଥିବା ବେଳେ ଲାଲମୋହନ ସୁଣ୍ଡି (୨୭) ଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅନ୍ୟପଟେ ବଡ଼ ଭାଇ ହିନ୍ଦୁରାମ ସୁଣ୍ଡି (୨୯) ଗୁରୁତର ଆହତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ସୂଚନା ପାଇ ଠାକୁରମୁଣ୍ଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ମୃତଦେହକୁ ଜବତ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

## ସରକାରୀ ଜମିରେ ଅବୈଧ ଛାତଘର ନିର୍ମାଣ: ପ୍ରଶାସନର ନଜର କେବେ ପଡ଼ିବ ?

ରାଇଘର, (ମହାଭାରତ) : ରାଇଘର ବ୍ଲକର କଟପାରାରୁ ଡବରିପାରା ମଝିରେ ସୁନୀଲ ମଜୁମଦାର ନାମକ ବ୍ୟକ୍ତି ଦୁଇ ତାଳର କଠା ଘର ନିର୍ମାଣ କରିଛନ୍ତି କିନ୍ତୁ ପ୍ରଶାସନର ନଜର ପଡୁନାହିଁ। ସରକାରୀ ଜମି ଜନସାଧାରଣଙ୍କ ସମ୍ପତ୍ତି। ଏହି ଜମିର ସୁରକ୍ଷା ଓ ସଠିକ ବ୍ୟବହାର ନିଶ୍ଚିତ କରିବା ପ୍ରଶାସନର ମୂଳ ଦାୟିତ୍ୱ। କିନ୍ତୁ ରାଇଘର ଅଞ୍ଚଳରେ ସରକାରୀ ଜମି ଉପରେ ଅବୈଧ ଭାବେ ଛାତ ଉପରେ ଛାତଘର ନିର୍ମାଣ କାର୍ଯ୍ୟ ଚାଲିଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଓ ଚିନ୍ତା ପ୍ରକାଶ ପାଇଛି।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୀର୍ଘଦିନ ଧରି ସରକାରୀ ଜମି ଉପରେ ଧୀରେ ଧୀରେ ଅତିକ୍ରମଣ ବଢ଼ି ଚାଲିଛି। ପ୍ରଥମେ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇଥିବା ବେଳେ ବର୍ତ୍ତମାନ ପକ୍କା ଛାତଘର ତିଆରି କାମ ଚାଲିଥିବା ଦେଖିବାକୁ ମିଳୁଛି। ସବୁକିଛି ସାର୍ବଜନୀନ ଭାବରେ ହେଉଥିବା ସତ୍ତ୍ୱେ ସମ୍ପୃକ୍ତ ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଉଛି।ସାଧାରଣ ଲୋକ ପ୍ରଶ୍ନ କରୁଛନ୍ତି ଯେ, ସରକାରୀ ଜମିରେ ଯଦି ଅବୈଧ ନିର୍ମାଣ ହେଉଛି, ତେବେ ସମ୍ପୃକ୍ତ ରାଜସ୍ୱ ବିଭାଗ, ତହସିଲ ପ୍ରଶାସନ ଓ ସ୍ଥାନୀୟ କର୍ତ୍ତୃପକ୍ଷ ଏହା ଉପରେ ନଜର ଦେଉନାହାନ୍ତି କାହିଁକି ? ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ କୌଣସି ଯାଞ୍ଚ କିମ୍ବା ନୋଟିସ ଜାରି ହୋଇଛି କି ନାହିଁ, ତାହା ମଧ୍ୟ ସ୍ପଷ୍ଟ ହୋଇପାରିନାହିଁ।ବିଶେଷଜ୍ଞମାନଙ୍କ ମତରେ, ସରକାରୀ ଜମି ଉପରେ ଅତିକ୍ରମଣକୁ ସମୟରେ ରୋକାଯାଇ ନଥିଲେ ଭବିଷ୍ୟତରେ ଏହା ବଡ଼ ସମସ୍ୟାର ରୂପ ନେଇପାରେ। ଏହା ଦ୍ୱାରା ସରକାରୀ ସମ୍ପତ୍ତି କ୍ଷତିଗ୍ରସ୍ତ ହେବା ସହ ସାଧାରଣ ଲୋକଙ୍କ ସ୍ୱାର୍ଥ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରି ଆବଶ୍ୟକ ଆଇନଗତ ପଦକ୍ଷେପ ନେବା ଆବଶ୍ୟକ ବୋଲି ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

ଏହି ଘଟଣାକୁ ନେଇ ବର୍ତ୍ତମାନ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଲୋକମାନଙ୍କ ପ୍ରଶ୍ନ ହେଉଛି, ସରକାରୀ ଜମି ଉପରେ ଚାଲିଥିବା ଏହି ନିର୍ମାଣ କାର୍ଯ୍ୟ ପ୍ରତି ପ୍ରଶାସନର ନଜର କେବେ ପଡ଼ିବ? ଅବୈଧ ନିର୍ମାଣ ବନ୍ଦ ହେବ କି, ନା ପୂର୍ବବତ୍ ଚାଲି ରହିବ? ଏହା ଉପରେ ସମସ୍ତଙ୍କ ନଜର ରହିଛି।ସ୍ଥାନୀୟ ଲୋକ ଘଟଣାର ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଓ ସରକାରୀ ଜମିର ସୁରକ୍ଷା ପାଇଁ ତତ୍କାଳ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

## ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପୋର୍ଟକ୍ଲବ ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ




ପାରାଦୀପ, (ମହାଭାରତ) : ଆନ୍ତର୍ଜାତୀୟ ଯୋଗ ଦିବସ ଉପଲକ୍ଷେ ସ୍ଥାନୀୟ ପୋର୍ଟକ୍ଲବ୍ ପରିସରରେ ଫ୍ରେଣ୍ଡଲି ଯୋଗ ଅନୁଷ୍ଠାନ ଓ ପୋର୍ଟ କ୍ଲବର ମିଳିତ ଆନୁକୂଲ୍ୟରେ ଯୋଗଗୁରୁ ବିଭୂତି ଭୂଷଣ ସାହୁ(ଟୁଲୁ ବାବା)ଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଯୋଗ ଦିବସ ପଳିତ ହୋଇଯାଇଛି । ଯୋଗଗୁରୁ ଯୋଗ ଶିକ୍ଷା ଦେବା ସହିତ 'ସ୍ୱାସ୍ଥ୍ୟ ହିଁ ସମ୍ପଦ' ଉପରେ ଗୁରୁତ୍ୱାରୋପ କରି ଶରୀର ପାଇଁ ଯୋଗ ର ଆବଶ୍ୟକତା ରହିଛି ବୋଲି କହିଥିଲେ । ଯୋଗ ଏକ ଧାରା ନୁହେଁ ବରଂ ଜୀବନର ଏକ ବିଜ୍ଞାନ ଯାହା ଋତୁ ସହିତ ଖାପ ଖୁଆଇଥାଏ । ଆମର ପୂର୍ବ ପୁରୁଷ ମାନେ ଶରିର କୁ ଋତୁ ସହିତ ଖାପ ଖୁଆଇବା ଶିଖାଇଥିଲେ । ଏହି କାରଣରୁ ଆୟୁର୍ବେଦ ଏବଂ ଯୋଗ ଉଭୟରେ ଋତୁ କାଳୀନ କାର୍ଯ୍ୟ ପଦ୍ଧତିକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯାଇଛି । ଶିତର କଠୋରତା,ଗ୍ରୀଷ୍ମର ଉଷ୍ମତା ଏବଂ ବର୍ଷାର ଆଳସ୍ୟ ପ୍ରତ୍ୟେକ ଋତୁର ଶରିର ଉପରେ ଭିନ୍ନ ପ୍ରଭାବ ପଡ଼ିଥାଏ । ସେହି ଅନୁସାରେ ଯୋଗ ଆସନ ଅଭ୍ୟାସ କରିବା ସନ୍ତୁଳିତ ସ୍ୱାସ୍ଥ୍ୟର ଚାବିକାଠି । ପ୍ରତ୍ୟେକ ଋତୁ ପାଇଁ ଭିନ୍ନ ଭିନ୍ନ ଯୋଗ ଆସନ ରହିଛି । ଶରିର ଏକ ମେସିନ ନୁହେଁ ବରଂ ପ୍ରକୃତି ସହିତ ଜଡ଼ିତ ଏକ ଜୀବନ୍ତ ବ୍ୟବସ୍ଥା । ଋତୁ ପରିବର୍ତ୍ତନ ହେବା ସହିତ ଶରୀରର ଆବଶ୍ୟକତା ମଧ୍ୟ ପରିବର୍ତ୍ତନ ହୁଏ । ପ୍ରତ୍ୟେକ ଋତୁରେ ଏକ ପ୍ରକାର ଯୋଗାସନ କରିବା ଗ୍ରୀଷ୍ମ ଋତୁର ପୋଷାକ ପିନ୍ଧିବା ଭଳି । ପ୍ରକୃତ ଯୋଗ ହେଉଛି ଶରୀରର ମନ ଏବଂ ଋତୁର ସନ୍ତୁଳନ । ଯେଉଁ ବ୍ୟକ୍ତି ଋତୁ ଅନୁସାରେ ଯୋଗାଭ୍ୟାସ କରନ୍ତି ତାଙ୍କୁ କମ୍ ଔଷଧ ଆବଶ୍ୟକ ପଡେ । ଥଣ୍ଡାରେ ଶରୀରର ଉଷ୍ମତା ହ୍ରାସ ପାଏ,ମାଂସପେଶୀ କଠିନ ହୋଇଯାଏ ଏବଂ ଆଳସ୍ୟ ବଢ଼ିଯାଏ । ଏହି ଋତୁରେ ସୂର୍ଯ୍ୟ ନମସ୍କାର,ଭୁଜଙ୍ଗ ଆସନ, ଧନୁରାସନ, କପାଳ ଭାତୀ ଏବଂ ଭସ୍ତିକା ଆସନ ଶରୀରକୁ ଉଷ୍ମ ରଖେ ଓ ରକ୍ତ ସଞ୍ଚାଳନ ଉନ୍ନତ କରେ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରେ । ବର୍ଷା ଋତୁରେ ପାଚନ ଶକ୍ତି ଦୁର୍ବଳ ହୋଇଥାଏ ଓ ଶରିର ଭାରି ଭାରି ହୋଇଥାଏ ଏବଂ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । ଏଣୁ ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ଯୋଗ କରାଯାଇଥାଏ ବୋଲି ଯୋଗ ଗୁରୁ ବିଭୁତି ଭୂଷଣ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ତାପସ ମହାନ୍ତି,ଆଲୋକ ମହାପାତ୍ର,ଗୌତମ ନାଏକ, ପ୍ରଭାତ ମହାପାତ୍ର, ରଘୁନାଥ ରଣସିଂହ, ତ୍ରିଲୋଚନ ସୋରେନ, କୁଳମଣି ସାହୁ, ସୁରେନ୍ଦ୍ର ମହାପାତ୍ର, ଦିପୁ ବାବୁ, ପ୍ରଭାସ ସାହୁ, ରମାକାନ୍ତ ନାୟକ, ଶ୍ୟାମସୁନ୍ଦର ଦାସ, ସତ୍ୟବ୍ରତ ଜେନା, ଲକି ବାବା ଓ ଶିବ ପ୍ରସାଦ ଜେନା ପ୍ରମୁଖ ଉପସ୍ଥିତ ଥିଲେ ଏବଂ ତତ୍ ସହିତ ପୋର୍ଟ କ୍ଲବ୍ ଓ ଫ୍ରେଣ୍ଡଲି ଯୋଗର ଶତାଧିକ ସଦସ୍ୟ, ସଦସ୍ୟା ମାନେ ଉପସ୍ଥିତ ରହି ଯୋଗ ଦିବସଟିକୁ ସଫଳ କରିଥିଲେ ।

## ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ୭୩ତମ ବଳିଦାନ ଦିବସ ପାଳିତ

ଦଶପଲ୍ଲା, (ମହାଭାରତ): ଦଶପଲ୍ଲା ଏନ୍ ଏସି ଅନ୍ତର୍ଗତ ତ୍ରିନାଥ ବଜାରସ୍ଥିତ ବିଜେପି କାର୍ଯ୍ୟାଳୟରେ ମଙ୍ଗଳବାର ଦିନ ଶ୍ୟାମପ୍ରସାଦ ମୁଖେର୍ଜୀ ଙ୍କ ୭୩ତମ ବଳିଦାନ ଦିବସ ଶ୍ରଦ୍ଧା ଓ ଭକ୍ତିଭାବର ସହ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ତାଙ୍କ ଜୀବନାଦର୍ଶ, ଦେଶପ୍ରେମ ଏବଂ ରାଷ୍ଟ୍ର ଗଠନରେ ଅବଦାନ ଉପରେ ବକ୍ତାମାନେ ଆଲୋକପାତ କରିଥିଲେ।ବିଜେପି ନେତା ରାଘବ ମଲ୍ଲିକ ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଉପସ୍ଥିତ ବକ୍ତାମାନେ କହିଥିଲେ ଯେ, ଦେଶର ଏକତା ଓ ଅଖଣ୍ଡତା ପାଇଁ ମୁଖାର୍ଜୀଙ୍କ ତ୍ୟାଗ ଓ ଅବଦାନ ସର୍ବଦା ସ୍ମରଣୀୟ ହୋଇ ରହିବ।କାର୍ଯ୍ୟକ୍ରମରେ ବହୁ ବିଜେପି ନେତା, କର୍ମୀ ଓ ସମର୍ଥକ ଯୋଗଦେଇ ତାଙ୍କ ଆଦର୍ଶକୁ ଅନୁସରଣ କରିବା ସହ ଦେଶସେବା ପ୍ରତି ସମର୍ପିତ ରହିବାକୁ ସଂକଳ୍ପ ଗ୍ରହଣ କରିଥିଲେ। ସମଗ୍ର ପରିବେଶ ଶ୍ରଦ୍ଧା ଓ ସ୍ମୃତିଚାରଣରେ ଭରି ରହିଥିଲା।

## ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମ




ବାଲିଚନ୍ଦ୍ରପୁର (ମହାଭାରତ) : ବଡ଼ଚଣା ବ୍ଲକ୍ ଚାରିନଙ୍ଗଳ ଗ୍ରାମପଞ୍ଚାୟତ ରେ ବିକଶିତ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି, ବାଲିଚନ୍ଦ୍ରପୁର ମଣ୍ଡଳ ଉପସଭାପତି ଶୁଭେନ୍ଦୁ ବଳଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା, ଓଡିଶା ସରକାରଙ୍କ ଦୁଇବର୍ଷ ପୁର୍ତ୍ତୀ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ବଳ ଗ୍ରାମବାସୀଙ୍କ ସହ ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ସରକାରଙ୍କ ବିକାଶ ଧାରାର ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ମତପୋଷଣ କରିଥିଲେ, ଜନସହ ଭାଗିତା ତଥା ସାମୁହିକ ପ୍ରୟାସ ମାଧ୍ୟମରେ ଏକ ସମୃଦ୍ଧ, ସଶକ୍ତ ଓ ବିକଶିତ ଓଡିଶା ଗଠନ ହେଉଛି ସରକାରଙ୍କ ଲକ୍ଷ୍ୟ ବୋଲି ଉପସ୍ଥିତ କାର୍ଯ୍ୟକର୍ତ୍ତା ମାନେ କହିଥିଲେ ଏହି କାର୍ଯ୍ୟକ୍ରମରେ ଚାରିନଙ୍ଗଳ ପଞ୍ଚାୟତ ବିଜେପି ସଭାପତି ପ୍ରଦ୍ୟୋତ କେଶରୀ ସାମଲ,ଚାରିନଙ୍ଗଳ ସରପଞ୍ଚ ନୁରଜାହାନ ବେଗମ, ଅନିଲ କୁମାର ବଳ, ଏନଏମଓ ଅଞ୍ଜଳି ବଳବନ୍ତରାୟ, ସଂଜୟ କୁମାର ସାମଲ, ପଞ୍ଚାୟତ କାର୍ଯ ନିର୍ବାହି ଅଧିକାରୀ ଧନଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

## ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ମିଛ ଗୁଜବକୁ ଶ୍ରମିକ ସଂଘର ଦୃଢ ପ୍ରତିବାଦ




ପାରାଦୀପ, (ମହାଭାରତ) : ପାରାଦୀପ ବନ୍ଦରରେ ଜେଏସଡବ୍ଲ୍ୟୁରେ କାମ କରୁଥିବା ବାମନ ଇଂଜିନିୟରିର୍ସ କମ୍ପାନୀ ଲିମିଟେଡ୍ ବାବଦରେ ବିଭ୍ରାନ୍ତିକର ତଥ୍ୟମାନ ସାମାଜିକ ଗଣମାଧ୍ୟମରେ ଯାହା ପ୍ରଚାରିତ ହେଉଛି ତାହା ମିଥ୍ୟା ଓ ଗୁଜବ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରତିବାଦ କରିଛନ୍ତି ପାରାଦୀପ ଶିଳ୍ପାଂଚଳ ଶ୍ରମିକ ସଂଘର ସଭାପତି ଅରିନ୍ଦମ ସାର୍ଖେଲ (ବାପି) । ଶ୍ରୀ ସାର୍ଖେଲ ଗଣମାଧ୍ୟମକୁ କହିଛନ୍ତି ବାମନ ଇଂଜିନିୟରିର୍ସ କମ୍ପାନୀ ଲିମିଟେଡ୍ ପାରାଦୀପ ବନ୍ଦରରେ ଜେଏସଡବ୍ଲ୍ୟୁ କମ୍ପାନୀ ଅଧିନରେ କାମ କରୁଥିଲା । କାମ ଛାଡି ଚାଲିଯିବା ପରେ ତାଙ୍କ ଶ୍ରମିକ ସଙ୍ଗଠନ ଉପମୁଖ୍ୟ ଶ୍ରମ କମିଶନରଙ୍କ କାର୍ଯ୍ୟାଳୟରେ ଶ୍ରମିକମାନଙ୍କ ବକେୟା ପାଉଣା ବାବଦରେ ମାର୍ଚ୍ଚ ମାସ ୩୦ ତାରିଖରେ ଅଭିଯୋଗ ପତ୍ର ଦାଖଲ କରିଥିଲା । ଉପମୁଖ୍ୟ ଶ୍ରମ କମିଶନର ଅଭିଯୋଗର ଶୁଣାଣି କରି ମେ ମାସ ୬ ତାରିଖରେ ଜେଏସଡବ୍ଲ୍ୟୁ, ବାମନ ଇଂଜିନିୟରିର୍ସ କମ୍ପାନୀ ଲିମିଟେଡ୍‌କୁ ଅବଗତ କରାଇବା ସହିତ ୧କୋଟି ୨୧ଲକ୍ଷ ୫୨ ହଜାର ୯୫୧ଟଙ୍କା ପ୍ରଦାନ କରିବାକୁ ଚିଠୋ କରିଥିଲେ । ଏହା ପରେ ବକେୟା ପାଉଣା ବାକି ଥିବା ସମସ୍ତ ଶ୍ରମିକମାନେ ସେମାନଙ୍କ ବ୍ୟାଙ୍କ ଆକାଉ□କୁ ପ୍ରଦାନ କରାଯାଇଛି ବୋଲି ଶ୍ରୀ ସାର୍ଖେଲ କହିଛନ୍ତି । ସେହି ଶ୍ରମିକମାନେ ସେହି ସ୍ଥାନରେ ଏବେ କାର୍ଯ୍ୟ କରୁଛନ୍ତି । ଶ୍ରମିକମାନଙ୍କ ପାଇଁ ତାଙ୍କ ସଂଘ ସବୁବେଳେ କାର୍ଯ୍ୟ କରିଆସୁଛି । ପାରାଦୀପ ତୈଳ ବିଶୋଧନାଗାରରେ ଶ୍ରମିକମାନଙ୍କ ପାଇଁ ଚୁକ୍ତିନାମା ସ୍ୱାକ୍ଷରିତରେ ଏକ ନିର୍ଦ୍ଧିଷ୍ଟ ଶ୍ରମିକ ସଙ୍ଗଠନ ବାଧା ସୃଷ୍ଟି କରୁଛି । ପିଆଇସିଟିର ଶ୍ରମିକମାନଙ୍କ ପାଇଁ ତାଙ୍କ ଶ୍ରମିକ ସଂଘ ୨୬ ଦିନର ନିଶ୍ଚିତ ଡ୍ୟୁଟି ଦେବା ପାଇଁ ଉଦ୍ୟମ କରିଥିବା ବେଳେ ସେହି ନିର୍ଦ୍ଧିଷ୍ଟ ଶ୍ରମିକ ସଙ୍ଗଠନ ୧୯ ଦିନର ନିଶ୍ଚିତ ଡ୍ୟୁଟି ଦେବା ପାଇଁ ଚୁକ୍ତିନାମା କଲେ । ପାରାଦୀପ ବନ୍ଦରରେ କାର୍ଯ୍ୟ କରୁଥିବା ଡିଏଲଆର୍‌ମାନଙ୍କ ନିମନ୍ତେ ତାଙ୍କ ସଙ୍ଗଠନ ଉଦ୍ୟମରେ ମଜୁରୀ ବୃଦ୍ଧି ହୋଇଛି, ସେମାନଙ୍କ ରହିବା ପାଇଁ ଘର, ମୃତ୍ୟୁ ପରେ ସେମାନଙ୍କ ପରିବାରର ଜଣଙ୍କୁ ବନ୍ଦରରେ ନିଯୁକ୍ତି ପ୍ରଦାନ କରି ସଫଳତା ହାସଲ କରିଛି । ଏହି ଡିଏଲଆର୍‌ମାନଙ୍କ ୬୦ବର୍ଷରେ ଅବସର ପରେ ବନ୍ଦର ସ୍ଥାୟୀ କର୍ମଚାରୀମାନଙ୍କ ପରି ଅତିରିକ୍ତ ୩ବର୍ଷ ନିଯୁକ୍ତି ଦେବା ପାଇଁ ପାରାଦୀପ ବନ୍ଦର କ□ୃପକ୍ଷଙ୍କ ନିକଟରେ ଆବେଦନ କରାଯାଇଛି ବୋଲି ଶ୍ରୀ ସାର୍ଖେଲ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପାରାଦୀପ ଶିଳ୍ପାଂଚଳ ଶ୍ରମିକ ସଂଘର ସମ୍ପାଦକ ସମୀର କୁମାର ବିଶ୍ୱାଳ, ଦୀପକ କୁମାର ସ୍ୱାଇଁ ଙ୍କ ସମେତ ବାମନ ଇଂଜିନିୟରିର୍ସ କମ୍ପାନୀ ଲିମିଟେଡ୍‌ରେ କାର୍ଯ୍ୟରତ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଝୁଲନ୍ତା ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଜବତ

ବାଲିଚନ୍ଦ୍ରପୁର, (ମହାଭାରତ) : ଏକ ଗଛ ଡାଳରେ ଝୁଲନ୍ତା ଅବସ୍ଥାରେ ଜଣେ ବୃଦ୍ଧଙ୍କର ମୃତଦେହକୁ ପୋଲିସ ଜବତ କରିଛି । ତେବେ ବୃଦ୍ଧ ଜଣଙ୍କର ପାଦ ମାଟି ତଳେ ଲାଗିଥିବାରୁ କେହି ହତ୍ୟା କରି ତାଙ୍କୁ ଗଛ ଡାଳରେ ଝୁଲାଇ ଦେଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି । ସୂଚନା ମୁତାବକ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ଗ୍ରାମର ପ୍ରମୋଦ କୁମାର ଦାସ (୫୮)ଙ୍କର ମୃତଦେହ ଆଜି ଦିନ ୩ ଟାରେ କୃଷ୍ଣଦାସପୁର-ରତ୍ନଗିରି ରାସ୍ତାର ମାଣ୍ଡୁକା ପାହାଡ଼ ପାଦଦେଶର ଓଶିଳାପାଳ ଗ୍ରାମ ନିକଟରେ ଏକ ଗଛରେ ଝୁଲୁଥିବାର ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାରକୁ ଖବର ଦେଇଥିଲେ । ପରିବାର ଲୋକେ ଏହା ଜାଣି ପୋଲିସକୁ ଅବଗତ କରିବା ପରେ ବାଲିଚନ୍ଦ୍ରପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରମୋଦଙ୍କ ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ମେଡିକାଲକୁ ପଠାଇଥିଲେ । ତେବେ ଆମ ବାପାଙ୍କୁ କେହି ହତ୍ୟା କରି ଗଛରେ ଟାଙ୍ଗି ଦେଇଥିବା ନେଇ ମୃତ ପ୍ରମୋଦଙ୍କ ପୁତ୍ର ସଞ୍ଜୟ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏନେଇ ଏକ ମାମଲା ରୁଜୁ କରାଯାଇଥିବା ବେଳେ ଥାନା ଏସ ଆଇ ଦୀପଲିସା ନାୟକ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି ।

## ରାଜସ୍ୱ କର୍ମଚାରୀଙ୍କ 'ମିଶନ ସ୍ୱାଭିମାନ': ୨୫ରୁ ଅନଲାଇନ କାର୍ଯ୍ୟ ବନ୍ଦ, ଜୁଲାଇ ୧ରୁ ଗଣଛୁଟି ଚେତାବନୀ

ମାଲକାନଗିରି, (ମହାଭାରତ) : ରାଜ୍ୟରେ ରାଜସ୍ୱ ପ୍ରଶାସନର ମେରୁଦଣ୍ଡ ସାଜିଥିବା କ୍ଷେତ୍ର କର୍ମଚାରୀମାନେ ଏବେ ତୀବ୍ର ଅସନ୍ତୋଷ ମଧ୍ୟ ଦେଇ ଗତି କରୁଛନ୍ତି। ଅମାନୁଷିକ କାର୍ଯ୍ୟଭାର, ଭିତ୍ତିଭୂମିର ଅଭାବ ଏବଂ ଦୀର୍ଘ ଦିନରୁ ପଡ଼ି ରହିଥିବା ଦାବି ପୂରଣ ନହେବା ପ୍ରତିବାଦରେ ଓଡ଼ିଶା ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ଆନ୍ଦୋଳନ ପାଇଁ ରଣନୀତି ପ୍ରସ୍ତୁତ ହୋଇଛି। ସଂଘ ମିଶନ ସ୍ୱାଭିମାନ ବ୍ୟାନରରେ ଆସନ୍ତା ୨୨ ଜୁନରୁ କଳାବ୍ୟାଜ୍ ପରିଧାନ କରିଥିବା ବେଳେ ୨୫ ଜୁନରୁ ସମସ୍ତ ସରକାରୀ ହ୍ୱାଟ୍ସଆପ୍ ଗ୍ରୁପ୍ ଛାଡ଼ିବା ସହ ଅନଲାଇନ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛି। ଏହାପରେ ମଧ୍ୟ ଦାବି ପୂରଣ ନହେଲେ ଜୁଲାଇ ୧ ତାରିଖରୁ ସମୂହ ଛୁଟି ଓ ଗଣଇସ୍ତଫା ଦିଆଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଜରିଆରେ ଜଣାଇ ଦିଆଯାଇଛି।



୫୦% କର୍ମଚାରୀଙ୍କୁ ନେଇ ଚାଲିଛି କାମ, ସରକାର ବଞ୍ଚାଇଲେଣି ୭୧୫ କୋଟି ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ୯,୯୧୦ଟି ପଦବୀ ମଧ୍ୟରୁ ୪,୫୬୬ଟି ପଦବୀ (ପ୍ରାୟ ୪୬%) ଖାଲି ପଡ଼ିଛି। ମାତ୍ର ୫୦% କର୍ମଚାରୀଙ୍କୁ ନେଇ ସରକାର ୨୦୦% କାର୍ଯ୍ୟ ହାସଲ କରୁଛନ୍ତି। ବିଗତ ୩ ବର୍ଷ ଧରି ନିଯୁକ୍ତି ନହେବା, ଗ୍ରୁପ୍-ଡି କର୍ମଚାରୀ ନରହିବା, ମୋବାଇଲ୍ ଓ ଯାତ୍ରା ଭତ୍ତା ନମିଳିବା କାରଣରୁ ସରକାରଙ୍କ ରାଜକୋଷରୁ ପ୍ରାୟ ୭୧୫.୭୩ କୋଟି ଟଙ୍କା ବଞ୍ଚିତ ହୋଇଛି, ଯାହା କ୍ଷେତ୍ର କର୍ମଚାରୀଙ୍କ ସ୍ୱେଦର କମାଣ।

ନିଜ ପକେଟରୁ ଖର୍ଚ୍ଚ କରୁଛନ୍ତି ଆର.ଆଇ ଓ ଅମିନ- ଗ୍ରୁପ୍-ଡି କର୍ମଚାରୀ ନଥିବାରୁ ରାଜସ୍ୱ ନିରୀକ୍ଷକ ଓ ଅମିନମାନେ ନିଜେ ଅଫିସ୍ ସଫା କରିବା ଠାରୁ ଆରମ୍ଭ କରି ନୋଟିସ୍ ବାଣ୍ଟିବା ଓ ବିଦ୍ୟୁତ୍ ବିଲ୍ ମଧ୍ୟ ନିଜ ପକେଟରୁ ଦେଉଛନ୍ତି। ଏଥିସହ ୨୦୨୪ ଡିସେମ୍ବର ମାସରୁ ପ୍ରାୟ ୧୧.୩୧ କୋଟି ଟଙ୍କାର ଯାତ୍ରା ଭତ୍ତା ଏବଂ ଗତ ୩ ବର୍ଷର ମୋବାଇଲ୍ ଭତ୍ତା ବାକି ରହିଛି। ବିନା ଇଣ୍ଟରନେଟ୍ ସୁବିଧା, ଲାପଟପ୍ ବା ପ୍ରିଣ୍ଟରରେ କର୍ମଚାରୀମାନେ ନିଜସ୍ୱ ଖର୍ଚ୍ଚରେ ମ୍ୟୁଟେସନ, ପ୍ରମାଣପତ୍ର ଓ ଇ-ପାଉତି ଭଳି ଗୁରୁତ୍ୱପୂର୍ଣ୍ଣ ଅନଲାଇନ କାମ କରୁଛନ୍ତି।

ସରକାରୀ ନିର୍ଦ୍ଦେଶ ସତ୍ତ୍ୱେ ଆର.ଆଇ ଓ କ୍ଷେତ୍ର କର୍ମଚାରୀଙ୍କୁ ସୁଭଦ୍ରା ଯୋଜନା, ଧାନ ସଂଗ୍ରହ ଜନ୍ମ-ମୃତ୍ୟୁ ପ୍ରମାଣପତ୍ର ଯାଞ୍ଚ ଏବଂ ଭଳି ଅଣ-ରାଜସ୍ୱ କାର୍ଯ୍ୟରେ ବ୍ୟସ୍ତ ରଖାଯାଉଛି। ଏହାଦ୍ୱାରା ସେମାନେ ଦୈନିକ ୧୨ ଘଣ୍ଟାରୁ ଅଧିକ ସମୟ କାମ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ସେମାନଙ୍କର ପାରିବାରିକ ଜୀବନକୁ ନଷ୍ଟ କରୁଛି ଓ ସମ୍ବିଧାନର ଧାରା ୨୧ (ଜୀବନ ଜୀବିକାର ଅଧିକାର)କୁ କ୍ଷୁର୍ଣ୍ଣ କରୁଛି। ?ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡ଼ାଯାଇ ନିମ୍ନଲିଖିତ ଦାବି ଉପସ୍ଥାପନ କରାଯାଇଛି। ତୁରନ୍ତ ପ୍ରଶାସନିକ ସମାଧାନ (୩୦ ଦିନ ମଧ୍ୟରେ): ଉ୨ଉ (କଲମ-୨ ସଂଶୋଧନ) କାର୍ଯ୍ୟକ୍ରମରୁ ବାଧ୍ୟତାମୂଳକ ଟାର୍ଗେଟ ହଟାଇବା ଓ ଅତିରିକ୍ତ କର୍ମଚାରୀ (ରାଜସ୍ୱ ସାଥୀ) ନିଯୁକ୍ତ କରିବା। ଅଣ-ରାଜସ୍ୱ କାର୍ଯ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିବା। ସମସ୍ତ ଆର.ଆଇ ଅଫିସକୁ ଲାପଟପ୍, ପ୍ରିଣ୍ଟର, ଇଣ୍ଟରନେଟ୍ ଏବଂ ବାର୍ଷିକ ୨୫,୦୦୦ ଟଙ୍କାର ଆକସ୍ମିକ ପାଣ୍ଠି ପ୍ରଦାନ।

ବାକି ଥିବା ଯାତ୍ରା ଭତ୍ତା ଏବଂ ମାସିକ ୧,୦୦୦ ଟଙ୍କା ମୋବାଇଲ୍ ଭତ୍ତା ପ୍ରଦାନ। ରବିବାର ଓ ସରକାରୀ ଛୁଟିଦିନରେ କାର୍ଯ୍ୟଭାର ବନ୍ଦ କରିବା। ମୁଖ୍ୟ ଦାବି ୩ ମାସ ମଧ୍ୟରେ କ୍ୟାଡରର ସମ୍ପୂର୍ଣ୍ଣ ପୁନର୍ଗଠନ ଓ ତୁରନ୍ତ ଉଚଉ ବୈଠକ ଆୟୋଜନ। ଜନସଂଖ୍ୟା ଭିତ୍ତିରେ ଏକ ଗ୍ରାମ ପଞ୍ଚାୟତ - ଏକ ଆର.ଆଇ ସର୍କଲ ଗଠନ। ରାଜସ୍ୱ ସୁପରଭାଇଜର ପଦବୀକୁ ଡେପୁଟି ତହସିଲଦାର ଭାବେ ନାମିତ କରି ଅଧିକ କ୍ଷମତା ପ୍ରଦାନ। ଗ୍ରୁପ୍-ଡି ସମେତ ସମସ୍ତ ଖାଲି ପଡ଼ିଥିବା ପଦବୀ ତୁରନ୍ତ ପୂରଣ। ସଂଘ ସ୍ପଷ୍ଟ କରିଛି ଯେ, ଯଦି ସରକାର ସେମାନଙ୍କୁ ମେସିନ୍ ନଭାବି ଜଣେ ମଣିଷ ଭଳି ସମ୍ମାନର ସହ ଦାବିଗୁଡ଼ିକୁ ବିଚାର ନକରନ୍ତି ତେବେ ଆଗାମୀ ଦିନରେ ସମଗ୍ର ରାଜ୍ୟରେ ରାଜସ୍ୱ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯିବ ଯେଉଁଥିପାଇଁ ଶାସନ ଓ ପ୍ରଶାସନ ଦାୟୀ ରହିବେ।

## ମାନବିକତା ଦେଖାଇଲା 'ବିନ୍ଦୁମିନା ସେବା ଫାଉଣ୍ଡେସନ': ବୁର୍ଲାରୁ ଗାଁ ମାଟିକୁ ଫେରିଲା ଗରିବ ପରିବାର ମୁଖ୍ୟଙ୍କ ମରଶରୀର

ଗୋଲାମୁଣ୍ଡା, ( ମହାଭାରତ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଟିଙ୍ଗିପଦର ଗାଁରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି । ସବୁଦିନ ପାଇଁ ଆଖି ବୁଜିଛନ୍ତି ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ତଥା ମୁଖ୍ୟ ଶ୍ରୀ ପୁରୁଷୋତ୍ତମ ମଲ୍ଲିକ । ମୃତ୍ୟୁ ପରେ ଅର୍ଥ ଅଭାବରୁ ବୁର୍ଲା ମେଡିକାଲରେ ଶବ ପଡ଼ି ରହିଥିବା ବେଳେ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ସହାୟତାରେ ଶେଷରେ ମରଶରୀର ନିଜ ଗାଁ ମାଟିକୁ ଫେରିଛି ।ସୂଚନା ଅନୁଯାୟୀ, ଗତ କିଛି ଦିନ ତଳେ ପୁରୁଷୋତ୍ତମଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପ୍ରଥମେ ଧର୍ମଗଡ଼ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ବିଗିଡ଼ିବାରୁ ତାଙ୍କୁ ଭବାନୀପାଟଣା ଓ ଶେଷରେ ଅତି ଗୁରୁତର ଅବସ୍ଥାରେ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଚିକିତ୍ସିତ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ହୋଇଥିଲା ।ପୁରୁଷୋତ୍ତମଙ୍କ ମୃତ୍ୟୁ ପରେ ତାଙ୍କର ଅତି ଗରିବ ପରିବାର ଉପରେ ଦୁଃଖର ପାହାଡ଼ ଭାଙ୍ଗି ପଡ଼ିଥିଲା । ଆର୍ଥିକ ଅନାଟନ ଯୋଗୁଁ ବୁର୍ଲାରୁ ମରଶରୀରକୁ ନିଜ ଗାଁକୁ ଆଣିବା ପରିବାର ପକ୍ଷେ ଅସମ୍ଭବ ଥିଲା । ଏହି ସମୟରେ ଗ୍ରାମର ସମାଜସେବୀ ପୁରୁଷୋତ୍ତମ ମାଝୀ,ଜଗୁଜୀବନ ସେଠିଆ ଏବଂ ସ୍ଥାନୀୟ ଗ୍ରାମବାସୀ ସହାୟତା ପାଇଁ 'ବିନ୍ଦୁମିନା ସେବା ଫାଉଣ୍ଡେସନ'ର ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କୁ ଯୋଗାଯୋଗ କରିଥିଲେ ।ଖବର ପାଇବା ମାତ୍ରେ ଫାଉଣ୍ଡେସନ ପକ୍ଷରୁ ତୁରନ୍ତ ଗାଡ଼ିର ବ୍ୟବସ୍ଥା କରାଯାଇ ଶବକୁ ବୁର୍ଲାରୁ ଟିଙ୍ଗିପଦର ଗାଁକୁ ଅଣାଯାଇଥିଲା । ପୁରୁଷୋତ୍ତମଙ୍କ ପରିବାର କହିଲେ ଜଣେ ଛୋଟ ପୁଅ ଓ ଦୁଇ ଜଣ ଝିଅ ଅଛନ୍ତି । ପରିବାରର ମୁଖ୍ୟଙ୍କୁ ହରାଇ ଏବେ ଏହି ଗରିବ ପରିବାର ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛି । ଫାଉଣ୍ଡେସନର ଏହି ମହତ କାର୍ଯ୍ୟ ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳରେ ତାଙ୍କୁ ଉଚ୍ଚ ପ୍ରଶଂସା କରାଯାଇଛି ।

## ଏସପିଙ୍କ ଅନୁପସ୍ଥିତରେ ଡିଏସପିଙ୍କୁ ଭେଟି ଅଭିଯୋଗ କଲେ ପୀଡିତା ପରିବାର ସହ ଅଲ୍ ଓଡ଼ିଶା ସିଡୁଲ୍ଡକାଷ୍ଟ ଫେଡରେସନ



କଳାହାଣ୍ଡି, (ମହାଭାରତ) : କାହା ଚାପରେ ଅଭିଯୁକ୍ତ ମାନଙ୍କୁ ଗିରଫ୍ କରୁନାହିଁ କଳାହାଣ୍ଡି ପୋଲିସ । ଗତ ତା ୩୦,୫,୨୦୨୬ ସନ୍ଧ୍ୟା ୭ ଘଣ୍ଟା ସମୟରେ ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ତାରାଗାଁ ଠାରେ ରହୁଥିବା ଗୋଟିଏ ଏସ୍ ସି ପରିବାର ଉପରେ ସେହି ଗାଁ ର ଶତାଧିକ ପୁରୁଷ ମହିଳା ସଂଘବଦ୍ଧ ହୋଇ କବାଟ ଭାଙ୍ଗି ଘରକୁ ପଶି ମରଣାନ୍ତକ ଆକ୍ରମଣ କରିଛନ୍ତି । ଆକ୍ରମଣର ଶିକାର ହୋଇଥିବା ଅଜୟ ନାଏକ, ହଲଧର ନାଏକ, ରତ୍ନାବତି ନାଏକକୁ ଥୁଆମୂଳ ରାମପୁର ପୋଲିସ ନିଜେ ଉଧାର କରି ପ୍ରଥମେ ଥୁଆମୂଳ ରାମପୁର ହସ୍ପିଟାଲରେ ଦେଖାଇଲେ । ସ୍ଥିତି ଗମ୍ଭୀର ହେବା ହେତୁ ତିନିଜଣକୁ ଭବାନୀପାଟଣା ହସ୍ପିଟାଲକୁ ପଠାଇଲେ । ବର୍ତ୍ତମାନ ଆଠ ଟି ଏସ୍ ସି ପରିବାର ଜୀବନ ଭୟରେ ଗାଁ ଛାଡ଼ି ଅନ୍ୟତ୍ର ପଳେଇଛନ୍ତି । ପ୍ରକାଶ ଥାଉକି ଅପ୍ରେଲ୍ ୬ ତାରିଖ ଦିନ ସେହି ପାଖ ଗାଁ ପିତମାଣ୍ଡିର ଏସ୍ ଟି ଝିଅ ଓ ଏସ୍ ସି ପୁଅ ପ୍ରେମ ସମ୍ପର୍କ ହୋଇ କୁଆଡେ ପଳେଇଲେ । ସେହି ସମୟରେ ମଧ ଗାଁ ବାସୀ ସଂଘବଦ୍ଧ ହୋଇ ଏସ୍ ସି ମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ । ଦୁଇଟି ଗାଁ ମିଶି ରହୁଥିବା ଆଠ ଏସ୍ ସି ପରିବାର ଜୀବନ ଭୟରେ ଦୀର୍ଘ ୧୭ ଦିନ ଗାଁ ଛାଡ଼ି ଅନ୍ୟତ୍ର ପଳେଇଥିଲେ । ଗାଁରେ ଶାନ୍ତି ଫେରାଇ ଆଣିବା ପାଇଁ ଦୀର୍ଘ ୧୭ ଦିନ ଧରି ସେହି ଗାଁରେ ପୋଲିସ କେମ୍ପ କରି ରହିଥିଲା । ତହସିଲଦାର ଶ୍ୟକ୍ତବ୍ଲକ୍ ଆଇଆଇସି ଚାରିଟି ପଞ୍ଚାୟତର ଲୋକ ପ୍ରତିନିଧି ଏସ୍ ଟି ଏସ୍ ସି ସମାଜର ନେତୃତ୍ୱଧାରୀ ମାନଙ୍କ ଉପସ୍ଥିତରେ ଶାନ୍ତି କମିଟି ଗଠନ କରାଯାଇଥିଲା । ଶାନ୍ତି କମିଟି ଗଠନ କରାଯିବା ସମୟରେ ପୋଲିସ ପ୍ରଶାସନର ଉପସ୍ଥିତିରେ ମଧ ଏସ୍ ସି ଭାଇ ଜଣକୁ ମାଡ ମାରିଥିଲେ ତାପରେ ବି ଶାନ୍ତି କମିଟି ଗଠନ କରାଯାଇଥିଲା । ପରବର୍ତ୍ତୀ ସମୟରେ ପୁଣିଥରେ ଏତେ ବଡ ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ହୋଇ ଆଜକୁ ୨୫ ଦିନ ହେଲା ପରେ ବି ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ୍ ନ କରିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ପୋଲିସକୁ ପଚାରିଲେ ପୋଲିସ କହୁଛି ତଦନ୍ତ ଚାଲିଛି କାର୍ଯ୍ୟାନୁଷ୍ଠାନ ନିଆଯିବ । ପରିଶେଷରେ ଆଜି ମଙ୍ଗଳବାର ପୁଣିଥରେ ନ୍ୟାୟ ପାଇଁ ପୀଡିତା ପରିବାର ସହ ଅଲ୍ ଓଡ଼ିଶା ସିଡୁଲ୍ଡ କାଷ୍ଟ ଫେଡରେସନ କଳାହାଣ୍ଡି ଏସପି ଙ୍କ ଅନୁପସ୍ଥିତ ଯୋଗୁଁ ଡିଏସପି ହରିବନ୍ଧୁ ଭତ୍ରାକୁ ଭେଟି ଅଭିଯୋଗ କରାଯାଇଛି । ଉପସ୍ଥିତ ଥିଲେ ରାଜ୍ୟ ସଭାପତି ଧନଞ୍ଜୟ ଦୀପ୍ ଜିଲ୍ଲା ସଭାପତି ବୃନ୍ଦାବନ ନାଗ କାର୍ଯ୍ୟକାରୀ ସଭାପତି ତେଜରାଜ ବେହେରା ସାଧାରଣ ସମ୍ପାଦକ ଶତ୍ରୁଘ୍ନ ନାଏକ ନର୍ଲା ସଭାପତି ରଘୁନାଥ ଦୀପ୍ କଲମପୁର ସଭାପତି ବଳରାମ ଦୁର୍ଗା ଏମ୍ ରାମପୁର ଉପସଭାପତି ମହାଦେବ ଛତ୍ରୀଆ କେସିଙ୍ଗା ସାଧାରଣ ସମ୍ପାଦକ ଶ୍ୟାମ ବିଭାର ଏହିଭଳି ଅନେକ କର୍ମକର୍ତ୍ତା ।

## ବିଦ୍ୟୁତ୍ ଖୁଣ୍ଟରେ ପିଟି ହୋଇ ଯୁବକଙ୍କ ମୃତ୍ୟୁ

ଦଶପଲ୍ଲା, (ମହାଭାରତ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ମୁତାବକ, ଦଶପଲ୍ଲା ବ୍ଲକ ଶିମିଳିସାହି ପଞ୍ଚାୟତ ଗୋଡ଼ିବିଡ଼ା ଗ୍ରାମର ନାରାୟଣ ପ୍ରଧାନ (୨୫) ବାଇକ୍ ଯୋଗେ ଯାଉଥିବା ସମୟରେ ବାରପୁରିକିଆ ପୋଖରୀ ପାଖରେ ଭାରସାମ୍ୟ ହରାଇ ଏକ ବିଦ୍ୟୁତ୍ ଖୁଣ୍ଟରେ ଜୋରରେ ଧକ୍କା ହୋଇଥିଲେ । ଧକ୍କା ଏତେ ଭୟାବହ ଥିଲା ଯେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଞ୍ଚିବା ପରେ ୧୦୮ ଆମ୍ବୁଲାନ୍ସ ସାହାଯ୍ୟରେ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ୧୦୮ ଆମ୍ବୁଲାନ୍ସ ର ତିନି ଜଣ କର୍ମଚାରୀ ଙ୍କ ସାହାସିକତା ପାଇଁ ଉଦ୍ଧାର କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ଏହି ଦୁଃଖଦ ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ଆଦିବାସୀ ଉନ୍ନୟନ ବିଭାଗର କର୍ମଚାରିଙ୍କ ବଦଳି ଦୀର୍ଘ ବର୍ଷ ହେଲା ବଦଳି ହେଉନାହିଁ ସମସ୍ତଙ୍କୁ ଚକିତ କରିଛି



ଗଜପତି, (ମହାଭାରତ): ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଠାରେ ଥିବା ଆଦିବାସୀ ଉନ୍ନୟନ ବିଭାଗ ର କର୍ମଚାରୀ ଦୀର୍ଘ ଦିନ ହେଲା ବଦଳି ହଉ ନଥିବ ଦେଖିବାକୁ ମିଳିଛି । କ୍ଷେତ୍ର କର୍ମଚାରୀ ହଉ କି ଅଫିସ କର୍ମଚାରୀ ଦୀର୍ଘ ବର୍ଷ ହେଲା ବଦଳି ହଉ ନଥିବ ସମସ୍ତଙ୍କୁ ଚକିତ କରିଛି । ସରକାର ଙ୍କ ନିୟମ ଏଠାରେ ପାଳନ ହଉ ନାହିଁ । ସରକାର ନିୟମ ତିନି ବର୍ଷ ହେବା ପରେ ବଦଳି କିନ୍ତୁ ଏଠାରେ ଦୀର୍ଘ ବର୍ଷ ହେଲା ବଦଳି ହଉ ନାହାନ୍ତି । ଏଠାରେ ସ୍ୱଚ୍ଛତା ଉପରେ ପ୍ରଶ୍ନ ବ ।ଚି ସୃଷ୍ଟି କରିଛି । ଲୋକଙ୍କ ସରକାର ରେ ଏହି ଭଳି ପରିସ୍ଥିତି ସୃଷ୍ଟି ହଉଛି ଗୁହାରି କାହାକୁ କରିବେ । ନୂତନ ସରକାର ଏଥି ପ୍ରତି ଦୃଷ୍ଟି ଦେବା ଦରକାର ସାଧାରଣ ରେ ପ୍ରକାଶ ପାଉଛି ବିଭାଗ ସବୁ ଜାଣି ଜିଲ୍ଲା ପ୍ରଶାସନ କୁ ଅବ ଗତ କରୁନାହାନ୍ତି ନ । ଜିଲ୍ଲା ପ୍ରଶାସନ ଜଣିକି ବଦଳି କରୁ ନାହାନ୍ତି । ନ । ଏମାନେ ଏତେ ପ୍ରଭାବ ଶାଳୀ ଜେ ବଦଳି ହୋଇ ପାରୁ ନାହାଁନ୍ତି । ଅଦୃଶ୍ୟ ଶକ୍ତି ଏମାନଙ୍କ ପଛରେ ରହିଛି । ନ ରାଜନୀତିକ ପ୍ରଭାବରେ ଏମାନେ ଏତେ ପ୍ରଭାବ ଶାଳୀ ଜେ ବଦଳି ହୋଇ ପାରୁ ନାହାଁନ୍ତି ।

## "ବିକାଶର ଧାରା, ଓଡ଼ିଶା ସାରା" କାର୍ଯ୍ୟକ୍ରମର ଚତୁର୍ଥ ଦିବସରେ "ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ" ଅନୁଷ୍ଠିତ




ନବରଙ୍ଗପୁର, (ମହାଭାରତ) : "ବିକାଶର ଧାରା, ଓଡ଼ିଶା ସାରା" କାର୍ଯ୍ୟକ୍ରମର ଚତୁର୍ଥ ଦିବସ ଅବସରରେ ନବରଙ୍ଗପୁର ପୋଲିସ୍ ପଡ଼ିଆଠାରେ ବ୍ଲକ୍ ସ୍ତରୀୟ "ସ୍ୱାବଲମ୍ବୀ ଯୁବା, ସମୃଦ୍ଧ ଓଡ଼ିଶା ସମାବେଶ" ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ ଯୋଗଦେଇଥିଲେ । ତାଙ୍କ ସହିତ ଜିଲ୍ଲା ସଂଯୋଜକ (ସ୍ୱାବଲମ୍ବୀ ଯୁବା) ଶତାବ୍ଦିକା ପାଲୋ, ବ୍ଲକ୍ ସଂଯୋଜକ ଦୁଲାର ନାୟକ, ନବରଙ୍ଗପୁର ବିଡିଓ ସୁନୀଲ ଖରା, ଜିଲ୍ଲା ନିଯୁକ୍ତି ଅଧିକାରୀ, ସହକାରୀ ଶିଳ୍ପ ଅଧିକାରୀ , ଶିଳ୍ପ ପ୍ରୋତ୍ସାହନ ଅଧିକାରୀ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଅତିଥିମାନେ ଉପସ୍ଥିତ ଥିଲେ । ଜିଲ୍ଲା ନିଯୁକ୍ତି ଅଧିକାରୀ ସମାବେଶର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଯୁବପିଢ଼ୀଙ୍କ ପାଇଁ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନା ଓ ନିଯୁକ୍ତି ସୁଯୋଗ ବିଷୟରେ ସୂଚନା ପ୍ରଦାନ କରିଥିଲେ । ସହକାରୀ ଶିଳ୍ପ ଅଧିକାରୀ କ୍ଷୁଦ୍ର, ଲଘୁ ଓ ମଧ୍ୟମ ଉଦ୍ୟୋଗ (ଗଝଗର) କ୍ଷେତ୍ରରେ ରହିଥିବା ଉଦ୍ୟୋଗ ସ୍ଥାପନ, ରୋଜଗାର ଓ ସ୍ୱରୋଜଗାରର ସୁଯୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି 'ବିକଶିତ ଗାଁ ବିକଶିତ ଓଡ଼ିଶା' ବିଜିବିଓ ୨୦୨୪-୨୫ ଓ ୨୦୨୫-୨୬ ସହ ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ବ୍ଲକ୍‌ମାନଙ୍କୁ ପୁରସ୍କୃତ କରିଥିଲେ । ବିଜିବିଓ ୨୦୨୪-୨୫ରେ ଉମରକୋଟ ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର ଏବଂ ୨୦୨୫-୨୬ରେ ନବରଙ୍ଗପୁର ବ୍ଲକ୍ ପ୍ରଥମ ସ୍ଥାନ ହାସଲ କରିଛି ।ଗ୍ରାମୀଣ ଗୃହ ଯୋଜନା ୨୦୨୫-୨୬ରେ କୋଷାଗୁମୁଡ଼ା ବ୍ଲକ୍ ପ୍ରଥମ ସ୍ଥାନ ଅଧିକାର କରିଛି ।ସେଭଳି ଜିଲ୍ଲା ପରିଷଦର ଶ୍ରେଷ୍ଠ କାର୍ଯ୍ୟଦକ୍ଷ ଅଧିକାରୀ ଭାବେ ଗ୍ରାମୀଣ ଗୃହ ଯୋଜନାର ପ୍ରୋଗ୍ରାମ ମ୍ୟାନେଜର ଦେବସ୍ମିତାଙ୍କୁ ସମ୍ମାନିତ କରାଯାଇଥିଲା । ଶେଷରେ ନବରଙ୍ଗପୁର ବିଡିଓ ସୁନୀଲ ଖରା ଧନ୍ୟବାଦ ଅର୍ପଣ କରି ସମସ୍ତ ଅତିଥି, ଅଧିକାରୀ ଓ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଦଶପଲ୍ଲା ପୋଲିସ ପକ୍ଷରୁ କଡ଼ାକଡ଼ି ବାଇକ ଚେକିଂ

ଦଶପଲ୍ଲା,(ମହାଭାରତ): ସଡ଼କ ଦୁର୍ଘଟଣା ରୋକିବା ଓ ଟ୍ରାଫିକ୍ ନିୟମ କଡ଼ାକଡି ପାଳନ କରିବା ଉଦ୍ଦେଶ୍ୟରେ ଦଶପଲ୍ଲା ପୋଲିସ ପକ୍ଷରୁ ଆଜି ସ୍ଥାନୀୟ ବାରପୁରିକିଆ ଛକ ନିକଟରେ ବ୍ୟାପକ ଯାଞ୍ଚ କରାଯାଇଛି ।ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ହୋଇଥିବା ଏହି ଚେକିଂରେ ବାଇକ୍ ଚାଳକମାନଙ୍କ କାଗଜପତ୍ର, ଡ୍ରାଇଭିଂ ଲାଇସେନ୍ସ ଓ ବୀମା ଯାଞ୍ଚ କରାଯାଇଥିଲା । କେବଳ ଜୋରିମାନା ନୁହେଁ, ଦଶପଲ୍ଲା ପୋଲିସ ତରଫରୁ ଚାଳକମାନଙ୍କୁ ସଚେତନ ମଧ କରାଇଥିଲେ । ଗାଡ଼ି ଚାଳନା ସମୟରେ ମଦ୍ୟପାନ ନ କରିବା, ସର୍ବଦା ହେଲମେଟ୍ ପିନ୍ଧିବା, ଦ୍ରୁତ ଗତିରେ ଗାଡ଼ି ନ ଚଳାଇବା ଓ ଟ୍ରାଫିକ୍ ନିୟମ ମାନିବାକୁ ପରାମର୍ଶ ଦେଇଥିଲେ ।

## ଦାସପୁର ଗ୍ରାମରେ ଜନ ଅଭିଯୋଗ ଶୁଣାଣୀରେ ସମସ୍ତ ଗୁହାରି ଶୁଣିଲେ ବିଧାୟକ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ରମ୍ଭା ପଞ୍ଚାୟତ ର ଦାସପୁର ଗ୍ରାମ ଠାରେ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ପାରଳା ବିଧାୟକ ରୁପେସ ପାଣିଗ୍ରାହୀ ଅଭିଯୋଗ ଶୁଣାଣୀ ରେ ଯୋଗଦେଇ ସମୁଦାୟ ୨୩ ଗୋଟିଅଭିଯୋଗ ଶୁଣିଥିଲେ । ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା, ଗ୍ରାମ ଭିତ୍ତିକ ସମସ୍ୟା,ରାସନ୍ କାର୍ଡ, ଗୃହ ନିର୍ମାଣ,ଶିକ୍ଷା,ଜଳ ସେଚତାନ,ରାସ୍ତା, ନାଳ,ଓ ସ୍ୱାସ୍ଥ୍ୟ ସମସ୍ୟା ସହ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା, ବିଧାୟକ ତୁରନ୍ତ ଏନେଇ ଗୋଷ୍ଠି ଉନ୍ନୟନ ଅଧିକାରୀ ଗୌରହରି ପଟ୍ଟନାୟକ ଙ୍କୁ ଫୋନ୍ ମାଧ୍ୟମ ରେ ଶୀଘ୍ର ଏସବୁ କାର୍ଯ୍ୟ କରିବା ପାଇଁ ଆଦେଶ ଦେଲେ । ଦାସପୁର ଗ୍ରାମ ର ରାସ୍ତା ପାଇଁ ଦୀର୍ଘ ୧୫ ବର୍ଷ ହେବ ଦାବି କରିଆସୁଥିଲେ ଗ୍ରାମ ବାସି କିନ୍ତୁ ଆଜି



ପ୍ରଜନ୍ତ ପକା ରାସ୍ତା ନିର୍ମାଣ ହୋଇପାରିନାହିଁ, ଏହି ରାସ୍ତା ପଞ୍ଚାୟତ ରହିଛି ତୁରନ୍ତ ଆରଡି ଡିପାର୍ଟମେଣ୍ଟ ହସ୍ତାନ୍ତ କରି ତୁରନ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ ପ୍ରତିଶୃତି ଦେଇଛନ୍ତି । ଏହି ଜନ ଅଭିଯୋଗ ଶୁଣାଣୀ ରେ ବିଧାୟକ ସମେତ ଗୋଷାଣୀ ବ୍ଲକ ଅଧକ୍ଷ ଏନ୍ ବିରରାଜୁ, ବରିଷ୍ଠ ନେତା ଗଜପତି ରାଓ ସ୍ଥାନୀୟ ସରପଞ୍ଚ,ପୂର୍ବତନ ସରପଞ୍ଚ କ୍ରିଷ୍ଣା ରାଓ ସମିତି ପ୍ରମୁଖ ଉପସ୍ଥିତ ଥିଲେ ।

## କଇଁପୁର ମହେନ୍ଦ୍ରତନୟା ଆଶ୍ରମ ସ୍କୁଲ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ

ପାରଳାଖେମୁଣ୍ଡି, (ମହାଭାରତ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧିନସ୍ଥ କଇଁପୁର ଠାରେ ଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଗ୍ରାମବିକାଶ ଦ୍ୱାରା ପରିଚାଳିତ ମହେନ୍ଦ୍ରତନୟା ଆଶ୍ରମ ବିଦ୍ୟାଳୟ ଓଡିଶାର ଶ୍ରେଷ୍ଠ ୧୦ଟି ବିଦ୍ୟାଳୟ ସହ ଅନ୍ତର୍ଭୁକ୍ତ ହୋଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ସମ୍ମାନିତ ପାଇଁ ଘୋଷିତ ହୋଇଛି । ପ୍ରମୁଖ ସୂଚକ ବିଦ୍ୟାଳୟର ପରିପାର୍ଶ୍ୱ ସୁରକ୍ଷା, ପରିମଳ ସୁବ୍ୟବସ୍ଥା,ଉତ୍ତମ ଜଳ ସଂରକ୍ଷଣ ପରିଚାଳନା,କ୍ୟାମ୍ପସକୁ ସବୁଜୀମା କରିବାରେ ବିଦ୍ୟାଳୟ କର୍ତ୍ତୁପକ୍ଷଙ୍କ ପ୍ରମୁଖ ଅବଦାନ ରହିଛି ।ସେଥିପାଇଁ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଏକ ସ୍ୱତନ୍ତ୍ର ସମାବେଶରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରକାଶ ଜେନାଙ୍କୁ ସଫଳତାର ସାର୍ଟିଫିକେଟ ସହ ୧ ଲକ୍ଷ ଟଂକା ଅନୁଦାନ ରାଶି ଦ୍ୱାରା ସମ୍ମାନିତ କରାଯିବ ।ଏହି ବିରଳ ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ଡ.ମାୟାଧର ସାହୁ ତଥା ବୁଦ୍ଧିଜୀବୀ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ସମସ୍ତ ଶିକ୍ଷକ/ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ମାନଂକୁ ଶୁଭେଚ୍ଛା ଜଣାଇଛନ୍ତି ।

## ସମସ୍ୟା ଘେରରେ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ




ଗଜପତି, (ମହାଭାରତ): ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମସ୍ୟା ଘେରରେ ରହିଥିବାର ଅଭିଯୋଗ ହଉଛି । ଗଜପତି ଜିଲ୍ଲା ଗୋଷାଣୀ ବ୍ଲକର ଗୋଷ୍ଠି ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଟି ସମସ୍ୟା ଘେରରେ ରହିଥିବା ଅଭିଯୋଗ ରହିଛି । କର୍ମଚାରୀଙ୍କୁ ଦୀର୍ଘ ବର୍ଷ ହେଲା ବଦଳି ହୋଇନଥିବା ଅଭିଯୋଗ ହଉଛି । କର୍ମଚାରୀ ହେଡ୍ କ୍ୱାଟରରେ ରହୁ ନାହାଁନ୍ତି । ସ୍ଥାୟୀ ଗୋଷ୍ଠି ଶିକ୍ଷା ଅଧିକାରୀ ପଦବୀ ପୁରାଣ ହଉ ନାହିଁ । ଶିକ୍ଷକଶିକ୍ଷୟତ୍ରୀଙ୍କ ବଦଳି ହେଉନାହିଁ । ଡେପୁଟେସନ୍‌ରେ ବିଭିନ୍ନ ସ୍କୁଲରେ ଶିକ୍ଷକ ଶିକ୍ଷୟତ୍ରୀ ଅବସ୍ଥାପିତ କରାଯାଇଛି । ଛାତ୍ର ଛାତ୍ରୀ ଅନୁପାତରେ ଶିକ୍ଷକ ନିଯୁକ୍ତି କରାଯାଉ ନାହିଁ । ଏହି ଭଳି ସମସ୍ୟା ରହିଥିବାର ଅଭିଯୋଗ ହଉଛି ।

## ନବରଙ୍ଗପୁର -ଜୟପୁର ରେଳପଥ ପ୍ରକଳ୍ପର ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ



ନବରଙ୍ଗପୁର, (ମହାଭାରତ): ସ୍ଥାନୀୟ ପୋଲିସ ପଡ଼ିଆ ଠାରେ ନବରଙ୍ଗପୁର ଜୟପୁର ରେଳପଥ ପ୍ରକଳ୍ପ ସକାଶେ ଭୂମି ଅଧିଗ୍ରହଣ ବାବଦ ତୃତୀୟ ପର୍ଯ୍ୟାୟ କ୍ଷତି ପୂରଣ ରାଶି ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି,ସାଂସଦ ଲୋକସଭା ବଳଭଦ୍ର ମାଝୀ ବରେଣ୍ୟ ଅତିଥି ଏବଂ ସମ୍ମାନୀତ ଅତିଥି ଭାବେ ମାନ୍ୟବର ବିଧାୟକ ନବରଙ୍ଗପୁର ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ,ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଯୋଗ ଦେଇ ଜମି ଅଧିଗ୍ରହଣ ଯୋଗୁଁ ନନ୍ଦାହାଣ୍ଡି ତହସିଲର ଜମି ହରାଇଥିବା ୧୪୪ ଜଣ ବ୍ୟକ୍ତିଙ୍କୁ ୧୫୩ କୋଟିଟଙ୍କା ର ଅର୍ଥରାଶି ଚେକ୍ ମାଧ୍ୟମରେ ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ବିଶିଷ୍ଟ ସମାଜସେବୀ କୁଞ୍ଜ ବିହାରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଏହି ପ୍ରକଳ୍ପ ନିମନ୍ତେ ନନ୍ଦାହାଣ୍ଡି ତହସିଲ ର ଦହିଭଟା,ନୂଆଗୁଡା, ଗଦବାଗୁଡା,ସିନ୍ଧିଗୁଡା ମୌଜା ର ୧୦୮.୫୫ ଏକର ଜମି ଅଧିଗ୍ରହଣ କରାଯାଇଛି ଏବଂ ଏହି ପ୍ରକଳ୍ପ ପାଇଁ ୫.୧୩ ଏକର ସରକାରୀ ଜମି ମଧ ଅଧିଗ୍ରହଣ ହୋଇଛି ।ମୁଖ୍ୟ ଅତିଥି ଏହି ଅବସରରେ ରେଳ ପ୍ରକଳ୍ପ ଯୋଗୁଁ ନବରଙ୍ଗପୁର ଜିଲ୍ଲାବାସୀଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବ ବୋଲି କହିଥିଲେ ।ନିଜ ବକ୍ତବ୍ୟରେ କେନ୍ଦ୍ର ସରକାର ଙ୍କ ଓଡ଼ିଶା ରାଜ୍ୟରେ ରେଳ ପ୍ରକଳ୍ପ ବିକାଶ ପାଇଁ ୧୦,୦୦୦ କୋଟି ଟଙ୍କା ର ବ୍ୟୟବରାଦ କୁ ପ୍ରଶଂସା କରିବା ସହ ଭାରତ ମାଳା ରାସ୍ତା,ଜୟପୁର ବ୍ରହ୍ମପୁର ୬ ଟିକିଆ ରାସ୍ତା,ମେଡିକାଲ କଲେଜ,ବ୍ଲକ୍ ଷ୍ଟାଡିୟମ୍ ,ଆଦର୍ଶ ବିଦ୍ୟାଳୟ,ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦେଇ ଏହା ଜିଲ୍ଲାର ବିକାଶ ରେ ବିଶେଷ ସହାୟକ ହେବ ବୋଲି କହିଥିଲେ । ମାନ୍ୟବର ସାଂସଦ ନିଜ ବକ୍ତବ୍ୟରେ ଏହି ରେଳ ପ୍ରକଳ୍ପ ନବରଙ୍ଗପୁର ଜିଲ୍ଲା ବାସୀଙ୍କ ବହୁ ଦିନର ଦାବି ଓ ସ୍ୱପ୍ନକୁ ପୂରଣ କରିବ ଏବଂ ଡିସେମ୍ବର ସୁଦ୍ଧା ଖୁବ ଶୀଘ୍ର ରେଳପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି କହିବା ସହ ରେଳ ପ୍ରକଳ୍ପ ରେ ଜମି ଦେଇଥିବା ବ୍ୟକ୍ତିଙ୍କୁ ଭୂୟସୀ ପ୍ରଶଂସା କରିଥିଲେ ।ପ୍ରକାଶ ଥାଉ କି ପ୍ରସ୍ତାବିତ ଜୁନାଗଡ - ନବରଙ୍ଗପୁର ,ନବରଙ୍ଗପୁର - ଜୟପୁର ଏବଂ ମାଲକାନଗିରି - ଭଦ୍ରାଚଳମ ମୋଟ ୪୬୦ କିମି ସ୍ୱାଧୀନ ଭାରତର ଦ୍ୱିତୀୟ ବୃହତ୍ତମ ରେଳପଥ ପ୍ରକଳ୍ପ ଅଟେ । ମାନ୍ୟବର ବିଧାୟକ ନବରଂଗପୁର ନିଜ ବକ୍ତବ୍ୟରେ ଜିଲ୍ଲାର ବିକାଶ ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଉଛି ଏବଂ ଏହି ରେଳ ପ୍ରକଳ୍ପ ଶୀଘ୍ର ନିର୍ମାଣ ହେଲେ ଜିଲ୍ଲାବାସୀ ଙ୍କ ଆର୍ଥିକ ଅଭିବୃଦ୍ଧି ରେ ବିଶେଷ ସହାୟକ ହେବ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ଜମି ହରାଇ କ୍ଷତି ପୂରଣ ପାଇଥିବା ବ୍ୟକ୍ତି, ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ କଂସ, ତହସିଲଦାର ନନ୍ଦାହାଣ୍ଡି ଚନ୍ଦ୍ରହାସ ମହାନନ୍ଦିଆ, ତହସିଲଦାର ନବରଙ୍ଗପୁର ଭୋଳେଶ୍ୱର ନାୟକ,ବିଡି ଓ ନବରଙ୍ଗପୁର ସୁନିଲ ଖରା, ଡିଆଇ ପି ଆର୍ ଓ ମନୋଜ ବେହେରା ଙ୍କ ସମେତ ଅନେକ ହିତାଧିକାରୀ, ବୁଦ୍ଧିଜୀବି, ସ୍ଥାନୀୟ ଜନ ସାଧାରଣ, ଛାତ୍ର, ଛାତ୍ରୀ,ତହସିଲ କାର୍ଯ୍ୟାଳୟ କର୍ମଚାରୀ,ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ ।

## ଇରାନ ଯୁଦ୍ଧ: ଇସ୍ରାଏଲ-ଆମେରିକା ନାଗରିକଙ୍କ ଅପେକ୍ଷା ଅଧିକ ଭାରତୀୟଙ୍କ ମୃତ୍ୟୁ



ନୂଆଦିଲ୍ଲୀ : ଇରାନ ଯୁଦ୍ଧରେ ଇସ୍ରାଏଲ ଏବଂ ଆମେରିକାର ନାଗରିକଙ୍କ ତୁଳନାରେ ଅଧିକ ଭାରତୀୟ ନାଗରିକ ପ୍ରାଣ ହରାଇଛନ୍ତି। ଭାରତ ଯୁଦ୍ଧରେ କୌଣସି ପ୍ରକାରେ ଜଡିତ ନଥିବା ସତ୍ତ୍ୱେ ଏହା ହୋଇଛି। ସୋମବାର ଜୁନ୍ ୨୨ରେ, କତାରର ରାସ୍ ଲାଫାନରେ ହୋଇଥିବା ଆକ୍ରମଣରେ ୧୨ ଜଣ ଭାରତୀୟ ପ୍ରାଣ ହରାଇଛନ୍ତି। ଯାହା ଫଳରେ ମୋଟ ଭାରତୀୟ ମୃତକଙ୍କ ସଂଖ୍ୟା ୨୫ ରେ ପହଞ୍ଚିଛି। ଏହି ଯୁଦ୍ଧରେ ୧୩ ଜଣ ଆମେରିକୀୟ ଏବଂ ୨୪ ଜଣ ଇସ୍ରାଏଲୀ ପ୍ରାଣ ହରାଇଛନ୍ତି। ଉଭୟ ଦେଶ ଯୁଦ୍ଧରେ ଜଡ଼ିତ ଥିଲେ ମଧ୍ୟ ସେମାନଙ୍କର କମ୍ ସଂଖ୍ୟକ ନାଗରିକଙ୍କ ଜୀବନ ଯାଇଛି। ଇସ୍ରାଏଲୀ ଆକ୍ରମଣ ଯୋଗୁଁ ଯୁଦ୍ଧରେ ସର୍ବାଧିକ ୪,୦୦୦ ଲେବାନନ ନାଗରିକଙ୍କ ମୃତ୍ୟୁ ଘଟିଛି। ସେହିପରି ଇରାନର ୩,୬୦୦ ନାଗରିକଙ୍କ ଜୀବନ ଯାଇଛି। କତାରର ରାସ ଲାଫାନ ବ୍ୟତୀତ, ହର୍ମୁଜ୍‌ରେ ଛଅ ଜଣ ଭାରତୀୟ ନାଗରିକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ତିନି ଜଣ ଆମେରିକା ଆକ୍ରମଣରେ ପ୍ରାଣ ହରାଇଥିଲେ। ଭାରତ ଏହାକୁ ନେଇ ଆମେରିକା ପ୍ରତି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲା। ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ନିଜେ ଆମେରିକାର ବୈଦେଶିକ ସଚିବଙ୍କୁ ଫୋନ୍ କରି ପ୍ରତିବାଦ ଜଣାଇଥିଲେ। ନିକଟରେ କତାରରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା। କୁଏତରେ ଇରାନୀ ଆକ୍ରମଣରେ ଆଉ ଜଣେ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା। ୟୁଏଇରେ ମଧ୍ୟ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଇରାନ ଯୁଦ୍ଧରେ ଏପର୍ଯ୍ୟନ୍ତ ମୋଟ ୨୫ ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଛି। ଉପସାଗର ଯୁଦ୍ଧରେ ଭାରତୀୟଙ୍କ ମୃତ୍ୟୁର ତିନୋଟି ପ୍ରମୁଖ କାରଣ ରହିଛି। ପ୍ରଥମତଃ, ଉପସାଗର ଦେଶଗୁଡ଼ିକରେ ବହୁ ସଂଖ୍ୟକ ଭାରତୀୟ ଶ୍ରମିକ ବାସ କରୁଛନ୍ତି। ଦ୍ୱିତୀୟତଃ, ଜାହାଜରେ ବହୁ ସଂଖ୍ୟକ ଭାରତୀୟ ଶ୍ରମିକ କାମ କରୁଛନ୍ତି। ତୃତୀୟତଃ, ସମଗ୍ର ଉପସାଗର ଅଞ୍ଚଳରେ ଇରାନ ଯୁଦ୍ଧ ବ୍ୟାପିଛି। ଉପସାଗରୀୟ ଅଞ୍ଚଳରେ ଭାରତୀୟ ଜନସଂଖ୍ୟା ଯଥେଷ୍ଟ ଅଧିକ। ସାଉଦି ଆରବରେ ୨୭ ଲକ୍ଷ ଏବଂ ୟୁଏଇରେ ୪୩ ଲକ୍ଷ ଭାରତୀୟ ବାସ କରନ୍ତି। ସେହିପରି କୁଏତରେ ୧୦ ଲକ୍ଷ ଏବଂ କତାରରେ ୮ ଲକ୍ଷ ପ୍ରବାସୀ ଭାରତୀୟ ବାସ କରନ୍ତି। ଆକ୍ରମଣ ଘଟିଥିବା କତାର ବନ୍ଦର ରାସ ଲାଫାନରେ ବହୁ ସଂଖ୍ୟକ ଭାରତୀୟ କାମ କରିଥାନ୍ତି। ହର୍ମୁଜ୍ ପ୍ରଣାଳୀରେ ଫସି ରହିଥିବା ଜାହାଜରେ ଅଧିକାଂଶ ଶ୍ରମିକ ଭାରତୀୟ ଅଛନ୍ତି। ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ହର୍ମୁଜ୍‌ରେ ବର୍ତ୍ତମାନ ଫସି ରହିଥିବା ୫୫୦ ଜାହାଜରେ ୧୮ ହଜାରରୁ ଅଧିକ ଭାରତୀୟ ଶ୍ରମିକ ଅଛନ୍ତି। ଫଳରେ ଜାହାଜ ଉପରେ ହେଉଥିବା ଆକ୍ରମଣରେ ପ୍ରାୟତଃ ଭାରତୀୟମାନେ ପ୍ରାଣ ହରାଇଥାନ୍ତି। ଉପସାଗର ଯୁଦ୍ଧରେ ଅଧାରୁ ଅଧିକ ଭାରତୀୟ ପ୍ରାଣ ହରାଇଥିଲେ ଇରାନୀ ଆକ୍ରମଣ ଯୋଗୁଁ। ଆମେରିକା ଆକ୍ରମଣରେ ତିନି ଜଣ ଭାରତୀୟଙ୍କ ମୃତ୍ୟୁ ହୋଇଥିଲା। ଚଳିତ ମାସର ଆରମ୍ଭରେ ହର୍ମୁଜ୍ ପ୍ରଣାଳୀ ଅତିକ୍ରମ କରିବାକୁ ଚେଷ୍ଟା କରୁଥିବା ଏକ ଜାହାଜକୁ ଆମେରିକା ଟାର୍ଗେଟ କରିଥିଲା। କୁଏତ, ରାସ୍ ଲାଫାନ୍ ଏବଂ କତାରରେ ପ୍ରାଣ ହରାଇଥିବା ଭାରତୀୟମାନେ ଇରାନୀ ଆକ୍ରମଣରେ ପ୍ରାଣ ହରାଇଥିଲେ। ଉଭୟ ଦେଶ କହିଛନ୍ତି ଯେ, ଭାରତୀୟଙ୍କୁ ଟାର୍ଗେଟ କରାଯାଇ ନଥିଲା।

## ବଲୁଚିସ୍ତାନ ଆତଙ୍କବାଦ ମାମଲାରେ ମହରଙ୍ଗ ବାଲୁଚଙ୍କୁ ଆଜୀବନ ଜେଲ



ନୂଆଦିଲ୍ଲୀ : ପାକିସ୍ତାନର ବଲୁଚିସ୍ତାନ ପ୍ରଦେଶର ରାଜଧାନୀ କ୍ୱେଟାର ଆତଙ୍କବାଦ ବିରୋଧୀ କୋର୍ଟ ଏକ ବଡ଼ ରାୟ ଦେଇଛନ୍ତି । ବଲୁଚିସ୍ତାନର ସିଂହୀ ଭାବରେ ଜଣାଶୁଣା ବଲୁଚ କର୍ମୀ ମହରଙ୍ଗ ବାଲୁଚଙ୍କୁ କୋର୍ଟ ଆଜୀବନ କାରା ଦଣ୍ଡାଦେଶ ଦେଇଛନ୍ତି । ୨୦୨୪ ମସିହାରେ ଗ୍ୱାଦରରେ ଆୟୋଜିତ ଏକ ରାଲି ସମୟରେ ଜଣେ ସୁରକ୍ଷା ଅଧିକାରୀଙ୍କ ବିଶାଳ ସମାବେଶରେ କେବଳ ବାଲୋଚ୍ ବାସିନ୍ଦା ନୁହନ୍ତି, ଆଫଗାନିସ୍ତାନ ଏବଂ ଇରାନର ବାଲୋଚ୍ ମଧ୍ୟ ଯୋଗ ଦେଇଥିଲେ। ପ୍ରଦର୍ଶନ ସମୟରେ, ବାଲୋଚିସ୍ତାନର ଅନେକ ଜିଲ୍ଲାରେ ଧାରଣା ଦିଆଯାଇଥିଲା । ସୃଷ୍ଟି ହୋଇଥିଲା ବ୍ୟାପକ ଅଶାନ୍ତି । କୋର୍ଟଙ୍କ ରାୟ ପରେ ସମଗ୍ର ପାକିସ୍ତାନ ଏବଂ ବଲୁଚିସ୍ତାନରେ ଉତ୍ତେଜନା ପ୍ରକଶ ସହ ବିରୋଧ ଆରମ୍ଭ ହୋଇଛି । ଲୋକେ ରାଜରାସ୍ତାକୁ ଓହ୍ଲାଇଛନ୍ତି । ମହରାଙ୍ଗ ବାଲୁଚ୍ ସହିତ ବାଲୁଚ୍ ୟାକଜେହାତି କମିଟିର ଆଉ ଜଣେ ପ୍ରମୁଖ ନେତା ସିବଘାତୁଲ୍ଲା ଶାହକୁ ମଧ୍ୟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଯାଇଛି । ଜୁନ୍ ୧୨ ତାରିଖରେ ଗିରଫ ହୋଇଥିବା ଏହି ବିୱାଇସି ନେତାମାନେ କ୍ୱେଟା ଜେଲ୍ ଭିତରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

## ଅସ୍ତ୍ରବିରତି ସତ୍ତ୍ୱେ ଗାଜାରେ ଇସ୍ରାଏଲର ଆକ୍ରମଣ , ୧୬ ବର୍ଷୀୟା ଛାତ୍ରୀ ମୃତ



ନୂଆଦିଲ୍ଲୀ : ଅସ୍ତ୍ରବିରତି ସତ୍ତ୍ୱେ ଗାଜାରେ ଇସ୍ରାଏଲର ଆକ୍ରମଣ ଜାରି ରହିଛି । ଆକ୍ରମଣରେ ପରୀକ୍ଷା ଦେବାକୁ ଯାଉଥିବା ୧୬ ବର୍ଷୀୟା ଛାତ୍ରୀଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଆହତ ହୋଇଛନ୍ତି । ଆହତଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଅସ୍ତ୍ରବିରତି ସତ୍ତ୍ୱେ ଗାଜା ଷ୍ଟ୍ରିପରେ ଆକ୍ରମଣ କରୁଛି ଇସ୍ରାଏଲ । ଗାଜା ସହରର ଏକ ବ୍ୟସ୍ତବହୁଳ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଇସ୍ରାଏଲ ପକ୍ଷରୁ ଆକ୍ରମଣ ହୋଇଛି । ଏହି ବିମାନ ଆକ୍ରମଣରେ ଜଣେ ୧୬ ବର୍ଷୀୟା ସ୍କୁଲ ଛାତ୍ରୀ ରାଘଦ ହାସନ ଆଶୁର ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଛନ୍ତି । । ରାଘଦ ଏକାଦଶ ଶ୍ରେଣୀ ପରୀକ୍ଷା ଦେବା ପାଇଁ ସ୍କୁଲ ଯାଉଥିବା ବାଟରେ ଏଭଳି ଘଟିଛି । ଘଟଣାସ୍ଥଳରୁ ମିଳିଥିବା ଭିଡିଓରେ ସ୍ପଷ୍ଟ ଭାବରେ ଦେଖାଯାଉଛି ଯେ ଆକ୍ରମଣ ପରେ ଦୁଇଟି ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଛି । ନିର୍ଦ୍ଦୋଷ ରାଘଦଙ୍କ ମୃତ୍ୟୁ ସହିତ ବିମାନ ଆକ୍ରମଣରେ ଅନ୍ୟ ତିନି ଜଣ ଗୁରୁତର ଆହତ ହୋଇଛନ୍ତି । ଇସ୍ରାଏଲୀ ସେନା ଏହି ଗମ୍ଭୀର ବିଷୟରେ ସରକାରୀ ସ୍ପଷ୍ଟୀକରଣରେ କହିଛି ଯେ, ସେମାନଙ୍କର ଟାର୍ଗେଟରେ ଜଣେ ହମାସ ସଦସ୍ୟ ଥିଲେ । ସେନା ସ୍ୱୀକାର କରିଛି ଯେ, ଏହି ସାମରିକ କାର୍ଯ୍ୟାନୁଷ୍ଠାନରେ ଜଣେ ନିର୍ଦ୍ଦୋଷ ନାଗରିକଙ୍କ ମୃତ୍ୟୁ ହୋଇଛି । ୨୦୨୩ ଅକ୍ଟୋବର ୭ରେ ଆରମ୍ଭ ହୋଇଥିବା ଏହି ଭୟଙ୍କର ଯୁଦ୍ଧରେ ୭୩ ହଜାରରୁ ଲୋକ ପ୍ରାଣ ହରାଇଛନ୍ତି । ମୃତାହତଙ୍କ ମଧ୍ୟରେ ଅଧାରୁ ଅଧିକ ନିରୀହ ମହିଳା ଏବଂ ଶିଶୁ ଥିବା ସୂଚନା ମିଳିଛି ।

## ଦାଢ଼ି ଛୋଟ ଥିବା ଅଭିଯୋଗରେ ୨୦ ଜଣ ମାନବୀୟ ସହାୟତା କର୍ମୀ ଅଟକ



ନୂଆଦିଲ୍ଲୀ : ଆଫଗାନିସ୍ତାନରେ ଶାସନ ଗାଦି ସମ୍ଭାଳିବା ପରେ ନିଜର କଡ଼ା ଇସଲାମିକ୍ ନିୟମକୁ ନେଇ ଚର୍ଚ୍ଚାରେ ଥିବା ତାଲିବାନ ଶାସନ ପକ୍ଷରୁ ପୁଣି ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଇରାନ ସୀମାନ୍ତରେ ଥିବା ଏକ ଶରଣାର୍ଥୀ ସ୍ୱାଗତ କେନ୍ଦ୍ରରୁ ପ୍ରାୟ ୨୦ ଜଣ ମାନବୀୟ ସହାୟତା କର୍ମୀଙ୍କୁ ତାଲିବାନର ନୈତିକତା ପୋଲିସ ବା ''ମୋରାଲିଟି ପୋଲିସ'' କିଛି ସମୟ ପାଇଁ ଅଟକ ରଖିଥିବା ଖବର ସାମ୍ନାକୁ ଆସିଛି। ସେମାନଙ୍କର ଦାଢ଼ିର ଲମ୍ବ ତାଲିବାନର ନିର୍ଦ୍ଧାରିତ ନିୟମ ଅନୁଯାୟୀ ନଥିବା ଦର୍ଶାଇ ପୋଲିସ ଏହି ପଦକ୍ଷେପ ନେଇଛି।

ଅଟକ ହୋଇଥିବା କର୍ମଚାରୀମାନେ ମିଳିତ ଜାତିସଂଘର ସହଯୋଗୀ ସଂଗଠନଗୁଡ଼ିକରେ କାର୍ଯ୍ୟ କରନ୍ତି ଏବଂ ସେଠାରେ ମାନବୀୟ ସହାୟତା ପ୍ରଦାନ କାର୍ଯ୍ୟରେ ନିୟୋଜିତ ଥିଲେ। ସେହି ସମୟରେ ତାଲିବାନର ''ଧର୍ମ ପ୍ରଚାର ଏବଂ ପାପ ନିବାରଣ ମନ୍ତ୍ରଣାଳୟ''ର ଅଧିକାରୀମାନେ ସେଠାରେ ପହଞ୍ଚି ସେମାନଙ୍କ ଦାଢ଼ି ଅତି ଛୋଟ ଥିବା, ଟ୍ରିମ୍ ହୋଇଥିବା କିମ୍ବା ସେଭ୍ ହୋଇଥିବା ଦର୍ଶାଇ ସେମାନଙ୍କୁ ଗିରଫ କରିଥିଲେ। ଅଟକ କର୍ମଚାରୀଙ୍କ ମଧ୍ୟରୁ କେତେକଙ୍କୁ ଶନିବାର ଏବଂ ବାକି ସମସ୍ତଙ୍କୁ ରବିବାର ମୁକ୍ତ କରାଯାଇଥିଲେ ହେଁ ତାଲିବାନ ପକ୍ଷରୁ ଏହା ଉପରେ କୌଣସି ଆନୁଷ୍ଠାନିକ ବୟାନ ଦିଆଯାଇ ନାହିଁ। ଉଲ୍ଲେଖଯୋଗ୍ୟ ଯେ, ଅଗଷ୍ଟ ୨୦୨୪ ରେ ଲାଗୁ ହୋଇଥିବା ତାଲିବାନର ୩୫-ଧାରା ବିଶିଷ୍ଟ ମୋରାଲିଟି ଆଇନ କେବଳ ମହିଳା ନୁହେଁ, ବରଂ ପୁରୁଷମାନଙ୍କ ପାଇଁ ମଧ୍ୟ ଅତ୍ୟନ୍ତ କଡ଼ା ନିୟମ ଧାର୍ଯ୍ୟ କରିଛି।

ଏହି ନିୟମ ଅନୁଯାୟୀ, ଆଫଗାନିସ୍ତାନରେ ପୁରୁଷମାନଙ୍କ ପାଇଁ ଅତିକମରେ ଗୋଟିଏ ବନ୍ଦ ମୁଠା ଲମ୍ବର ଦାଢ଼ି ରଖିବା ବାଧ୍ୟତାମୂଳକ କରାଯାଇଛି। ଦାଢ଼ି କାଟିବା କିମ୍ବା ଟ୍ରିମ୍ କରିବା ସେଠାରେ ଏକ ଦଣ୍ଡନୀୟ ଅପରାଧ। ଏହା ସହିତ ପୁରୁଷମାନଙ୍କ ପାଇଁ ପାଶ୍ଚାତ୍ୟ ଶୈଳୀର ପୋଷାକ ଯେପରିକି ଜିନ୍ସ ଏବଂ ଆଣ୍ଠୁ ଉପରକୁ ଦେଖାଯାଉଥିବା ସର୍ଟସ ପିନ୍ଧିବା, ଆଖିପତାକୁ ଟ୍ରିମ୍ କରିବା ଏବଂ ୱେଷ୍ଟର୍ଣ୍ଣ ହେୟାରଷ୍ଟାଇଲ୍ ରଖିବା ଉପରେ ସମ୍ପୂର୍ଣ୍ଣ ପ୍ରତିବନ୍ଧକ ଲଗାଯାଇଛି। ସର୍ବୋଚ୍ଚ ନେତା ମୁଲ୍ଲା ହିବାତୁଲ୍ଲା ଆଖୁନ୍ଦଜାଦା ମଧ୍ୟ ପୁରୁଷମାନଙ୍କୁ ପାରମ୍ପରିକ ପଗଡ଼ି ଓ ଦାଢ଼ି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ରେ କ୍ଷମତାକୁ ଫେରିବା ପରେ ତାଲିବାନ ପ୍ରଶାସନ ଦାଢ଼ି କାଟିବା ଅଭିଯୋଗରେ ଅନେକ ଯୁବକଙ୍କୁ ଗିରଫ କରିବା ସହ ନିୟମ ଉଲ୍ଲଂଘନ କରୁଥିବା ଶହ ଶହ ସେଲୁନକୁ ସିଲ୍ କରିଦେଇଛି।

## 'ଓମେଗା ବ୍ଲକ' ଯୋଗୁ ୟୁରୋପ ନର୍କରେ ପରିଣତ : ଘର ଛାତରେ ୬୦ ଡିଗ୍ରି ତାତି, ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ : ୟୁରୋପ ସମ୍ପ୍ରତି ଏକ ଭୟଙ୍କର ଗ୍ରୀଷ୍ମପ୍ରବାହ କବଳରେ ରହିଛି। ଫ୍ରାନ୍ସ, ସ୍ପେନ୍, ବ୍ରିଟେନ୍ ଏବଂ ଇଟାଲୀରେ ତାପମାତ୍ରା ପୂର୍ବର ସମସ୍ତ ରେକର୍ଡ ଭାଙ୍ଗିଛି। ଫ୍ରାନ୍ସରେ ଦୁଇ ଶିଶୁଙ୍କ ସମେତ ୧୮ ଜଣଙ୍କର ମୃତ୍ୟୁ ହୋଇଛି। ଗରମ କାରରେ ଫସି ରହି ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ବିଶେଷଜ୍ଞମାନଙ୍କ ଅନୁସାରେ 'ଓମେଗା ବ୍ଲକ' ନାମକ ଏକ ପାଣିପାଗ ପ୍ରଣାଳୀ ଏହି ପରିସ୍ଥିତି ପାଇଁ ଦାୟୀ। ଏହା ସାହାରା ମରୁଭୂମିରୁ ୟୁରୋପକୁ ଗରମ ପବନ ପ୍ରବାହିତ କରୁଛି। ଏହି ପ୍ରଣାଳୀ ସମଗ୍ର ୟୁରୋପରେ ଗରମ ପବନକୁ ଫସାଇ ରଖିଛି। ଫଳରେ ଅନେକ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୫ରୁ ୧୦ ଡିଗ୍ରି ସେଲସିୟସ୍ ଅଧିକ ରହିଛି। ବେଲଜିୟମରେ ଘର ଛାତ ଉପରେ ତାପମାତ୍ରା ୬୦ ଡିଗ୍ରିରେ ପହଞ୍ଚିଛି। ଖବର ଏଜେନ୍ସି ରଏଟର୍ସ ଅନୁଯାୟୀ, ଫ୍ରାନ୍ସର ବହୁ ସହରର ତାପମାତ୍ରା ପୂର୍ବ ରେକର୍ଡ ଭାଙ୍ଗି ଦେଇଛି। ଦେଶର କିଛି ପ୍ରମୁଖ ଅଞ୍ଚଳରେ ତାପମାତ୍ରା ୪୧.୯ ଡିଗ୍ରି ସେଲସିୟସ୍‌ରେ ପହଞ୍ଚିଛି, ଯାହା ଗତ ଅଗଷ୍ଟର ରେକର୍ଡ ଭାଙ୍ଗିଛି। କେନ୍ଦ୍ରୀୟ ଫ୍ରାନ୍ସର ପୋଏଟିୟର୍ସର ତାପମାତ୍ରା ୪୧.୨ ଡିଗ୍ରି ସେଲସିୟସରେ ପହଞ୍ଚିଛି, ଯାହା ୧୯୪୭ ମସିହା ପରଠାରୁ ସର୍ବାଧିକ। ଜୁନ୍ ମାସରେ ପ୍ୟାରିସ୍ ?ରେ ମଧ୍ୟ ସର୍ବୋଚ୍ଚ ତାପମାତ୍ରା ରେକର୍ଡ ହେବାର ଆଶା କରାଯାଉଛି। ଅସହ୍ୟ ତାତି ଯୋଗୁଁ ଅନେକ ସ୍କୁଲକୁ ବନ୍ଦ କରାଯାଇଛି ।ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ବୃଦ୍ଧ, ପିଲା ଏବଂ ଅସୁସ୍ଥଙ୍କ ପାଇଁ ବିଶେଷ ସତର୍କତା ଜାରି କରିଛନ୍ତି। ସ୍ପେନର ପରିସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ରହିଛି। ସାଧାରଣତଃ ଥଣ୍ଡା ବୋଲି ବିବେଚନା କରାଯାଉଥିବା ଉତ୍ତର ସହର ସେନ୍ ସେବାଷ୍ଟିଆନର ତାପମାତ୍ରା ୪୦ ଡିଗ୍ରି ସେଲସିୟସ୍ ପହଞ୍ଚିବା ଆଶଙ୍କା କରାଯାଉଛି। ଏହା ସେଠାକାର ସାଧାରଣ ଜୁନ୍ ତାପମାତ୍ରାଠାରୁ ଦୁଇଗୁଣା ଅଧିକ। ସ୍ପେନର ପାଣିପାଗ ସଂସ୍ଥାର ମୁଖପାତ୍ର ରୁବେନ ଡେଲ କ୍ୟାମ୍ପୋ କହିଛନ୍ତି ଯେ, ଅନେକ ଅଞ୍ଚଳରେ ତାପମାତ୍ରା ସ୍ୱାଭାବିକଠାରୁ ୧୦ ଡିଗ୍ରି ଅଧିକ ରହିଛି। ବିଶ୍ୱ ପାଣିପାଗ ସଂଗଠନର ଏକ ରିପୋର୍ଟ ଅନୁଯାୟୀ, ୟୁରୋପ ବିଶ୍ୱର ଅନ୍ୟ ଦେଶ ତୁଳନାରେ ଦୁଇଗୁଣା ଦ୍ରୁତ ଗତିରେ ଉଷ୍ମ ହେବାରେ ଲାଗିଛି।

## ଭାରତ-ଚୀନ୍ ସହଯୋଗୀ,ପ୍ରତିଦ୍ୱନ୍ଦ୍ୱୀ ନୁହନ୍ତି : ବ୍ରିକ୍ସ ସମ୍ମିଳନୀ ପୂର୍ବରୁ ବଦଳିଲା ଚାଇନା ସ୍ୱର



ନୂଆଦିଲ୍ଲୀ : ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପର୍କରେ ଏକ ନୂତନ ଅଧ୍ୟାୟ ଲେଖାହେବାକୁ ଯାଉଛି। ପୂର୍ବ ଲଦାଖକୁ ନେଇ ଦୁଇ ଦେଶ ମଧ୍ୟରେ ଦୀର୍ଘ ଦିନ ଧରି ସୀମା ବିବାଦ ରହିଛି। କିନ୍ତୁ ବର୍ତ୍ତମାନ ଚୀନ୍ ଉତ୍ତେଜନା ବଦଳରେ ସହଯୋଗୀ ଏବଂ ସହଭାଗୀ ଭଳି ଶବ୍ଦ ବ୍ୟବହାର କରୁଛି। ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଏବଂ ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କ ମଧ୍ୟରେ ବୈଠକ ଗଠନମୂଳକ ହୋଇଛି। ଚୀନ୍ ନିଜର ସ୍ୱର ବଦଳାଇ ଦ୍ୱିତୀୟ ଥର ପାଇଁ କହିଛି ଯେ, ଆମେ ଭାରତକୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ବରଂ ଏକ ସହଯୋଗୀ ଭାବରେ ଦେଖୁଛୁ। ଭାରତ ଚଳିତ ବର୍ଷ ସେପ୍ଟେମ୍ବରରେ ବ୍ରିକ୍ସ ସମ୍ମିଳନୀ ଆୟୋଜନ କରିବାକୁ ଯାଉଛି। ଏ ନେଇ ଏକାଧିକ ବୈଠକ ଚାଲିଛି। ଏସବୁ ମଧ୍ୟରେ, ଭାରତ ସହି ସମ୍ପର୍କ ନେଇ ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କ ବିବୃତି ପୁଣି ଥରେ ଗୁରୁତ୍ୱପୂର୍ଣ୍ଣ ମନେହେଉଛି। ୱାଙ୍ଗ ୟି କହିଛନ୍ତି ଯେ ଭାରତ ଏବଂ ଚୀନ୍ ଗୁରୁତ୍ୱପୂର୍ଣ୍ଣ ପଡ଼ୋଶୀ। ଏନଏସଏ ଅଜିତ ଡୋଭାଲଙ୍କ ସହ ସାକ୍ଷାତ ସମୟରେ ଚୀନ୍ ବୈଦେଶିକ ମନ୍ତ୍ରୀ ଏହି ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି, ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମିଳିତ ମାର୍ଗଦର୍ଶନରେ ଚୀନ୍-ଭାରତ ସମ୍ପର୍କରେ ପୁନର୍ବାର ଉନ୍ନତି ଘଟିଛି।

ବିଶ୍ୱ ଦୃଷ୍ଟିକୋଣ ସହିତ ସହଯୋଗକୁ ଆଗକୁ ବଢ଼ାଇବା ଉଚିତ। ସେ ଗ୍ଲୋବାଲ୍ ସାଉଥ୍‌ର ଭୂମିକା ବିଷୟରେ ଉଲ୍ଲେଖ କରି କହିଛନ୍ତି, ସମଗ୍ର ଗ୍ଲୋବାଲ୍ ସାଉଥ୍ ସାମୂହିକ ଭାବରେ ଉଭା ହେଉଛି। ସେଥିରେ ଚୀନ୍ ଏବଂ ଭାରତ ମଧ୍ୟ ସାମିଲ ଅଛନ୍ତି।। ସେ ସ୍ୱୀକାର କରିଛନ୍ତି, ଗ୍ଲୋବାଲ୍ ସାଉଥ୍‌ର ପ୍ରମୁଖ ମଞ୍ଚ ଭାବରେ ବ୍ରିକ୍ସ ଏକ ବହୁଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଚିତ୍ ଯାହା ଦ୍ୱାରା ବିଶ୍ୱକୁ କିଛି ଶକ୍ତି ଦ୍ୱାରା ପ୍ରାଧାନ୍ୟ ଦିଆଯିବାରୁ ରୋକିବା ସମ୍ଭବ ହେବ।

ୱାଙ୍ଗ ୟି କହିଛନ୍ତି, ଚୀନ୍ ବ୍ରିକ୍ସ ଅଧ୍ୟକ୍ଷ ଭାବରେ ଭାରତର ଭୂମିକାକୁ ସମର୍ଥନ କରେ। ସେ ସ୍ୱୀକାର କରିଛନ୍ତି ଯେ, ଉଭୟ ପକ୍ଷର ମିଳିତ ପ୍ରୟାସ ଯୋଗୁଁ, ବିଭିନ୍ନ କ୍ଷେତ୍ରରେ ଚୀନ୍- ଭାରତ ଆଦାନପ୍ରଦାନ ଧୀରେ ଧୀରେ ପୁନଃ ଆରମ୍ଭ ହୋଇଛି ଏବଂ ସହଯୋଗ ଏବେ ବ୍ୟବସ୍ଥିତ ଭାବରେ ଆଗକୁ ବଢୁଛି। ଭାରତ-ଚୀନ୍ ସୀମା ବିବାଦ ସମ୍ପର୍କରେ, ସେ କହିଛନ୍ତି ଯେ ସୀମା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ଏବଂ ଉଭୟ ଦେଶ ସେମାନଙ୍କ ନେତାଙ୍କ ମଧ୍ୟରେ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସହମତିକୁ କାର୍ଯ୍ୟକାରୀ କରିବା ପାଇଁ ଠୋସ୍ ପଦକ୍ଷେପ ନେବା ଉଚିତ୍। ୱାଙ୍ଗ ୟି କହିଛନ୍ତି, ଉଭୟ ଦେଶ ପରସ୍ପରର ମୂଳ ସ୍ୱାର୍ଥକୁ ସମ୍ମାନ ଦେବା ଏବଂ ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକୁ ସଠିକ୍ ଭାବରେ ପରିଚାଳନା କରିବା ଉଚିତ୍। ସୀମା ବିବାଦକୁ ଏହାର ସଠିକ ସ୍ଥାନରେ ରଖିବା ଉଚିତ୍ ଏବଂ ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କକୁ ପ୍ରଭାବିତ କରିବାକୁ ଦିଆଯିବା ଉଚିତ୍ ନୁହେଁ। ଉଭୟ ଦେଶ ପାଇଁ ବାଣିଜ୍ୟ, ଅର୍ଥ, ଆଇନ ପ୍ରବର୍ତ୍ତନ, ଗଣମାଧ୍ୟମ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବାର ସମୟ ଆସିଛି।

## ଏକ ସପ୍ତାହ ପରେ ଫେରିଲା ଟେଲିଗ୍ରାମ , ପ୍ରତିବନ୍ଧକ ହଟାଇଲା ସରକାର

ନୂଆଦିଲ୍ଲୀ : ଏକ ସପ୍ତାହ ପରେ ଫେରିଲା ଟେଲିଗ୍ରାମ । ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମୟସୀମା ସରିବା ପରେ ଜୁନ୍ ୨୨ ମଧ୍ୟରାତ୍ରିରେ




ଗୁଗଲ ଟେଲିଗ୍ରାମ ଉପରୁ ପ୍ରତିବନ୍ଧକ ହଟାଇଛି । ତେବେ ଆପଲ ଆପ୍ ଷ୍ଟୋରରେ ଟେଲିଗ୍ରାମ ସକାଳ ୧୦ଟା ସୁଦ୍ଧା ଡିଲିଷ୍ଟେଡ୍ ଥିଲା । ତେବେ ଆପରୁ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପରେ ପ୍ରତିବନ୍ଧକ ହଟିନାହିଁ । ଏହାର ମେସେଜ୍ ଏଡିଟିଂ ଫିଚର ଉପରେ ଏବେବି ପ୍ରତିବନ୍ଧକ ଲାଗିଛି । ଜୁନ୍ ୩୦ ଯାଏଁ ଏହି ଫିଚର ବନ୍ଦ ରହିବ ବୋଲି ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ରହିଛି । ଟେଲିଗ୍ରାମ୍ ସିଇଓ ପାଭେଲ ଡୁରୋବ ଏନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେ କହିଛନ୍ତି ଯେ, କିଛି ଲୋକଙ୍କ ପାଇଁ ପୁରା ପ୍ଲାଟଫର୍ମ ଉପରେ ପ୍ରତିବନ୍ଧକ ଲଗାଇବା ନିଷ୍ପତ୍ତି ଠିକ୍ ନୁହେଁ । ଏହି ମାମଲା ଡିଜିଟାଲ୍ ପ୍ଲାଟଫର୍ମର ଦାୟିତ୍ୱବୋଧ ଏବଂ ବିଷୟବସ୍ତୁ ନିୟନ୍ତ୍ରଣ ସମ୍ପର୍କରେ ସରକାର ଏବଂ ଟେକ୍ କମ୍ପାନୀଗୁଡ଼ିକ ମଧ୍ୟରେ ବଢୁଥିବା ଚାପକୁ ପ୍ରତିଫଳିତ କରୁଛି। ଭବିଷ୍ୟତରେ, ଟେଲିଗ୍ରାମ ସମେତ ମେସେଜିଂ ପ୍ଲାଟଫର୍ମଗୁଡିକରେ ଭୁଲ ସୂଚନା, ପରୀକ୍ଷା ସମ୍ବନ୍ଧୀୟ ଠକେଇ ଏବଂ ଅବୈଧ ବିଷୟବସ୍ତୁକୁ ରୋକିବା ପାଇଁ ସରକାର ଅଧିକ କଠୋର ନିୟମ ଲାଗୁ କରିପାରନ୍ତି ।

## ଭାବିସ୍ୱାମୀଙ୍କୁ ପାହାଡରୁ ଠେଲିଦେଲେ ଭାବି ପତ୍ନୀ ଏବଂ ପ୍ରେମିକ

ପୁଣେ : ଇନ୍ଦୋରର ସୋନମ ରଘୁବଂଶୀ ମାମଲା ଲୋକଙ୍କ ମନରୁ ନ ଲିଭୁଣୁ ମହାରାଷ୍ଟ୍ରର ପୁଣେରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି । ବିବାହ ପ୍ରସ୍ତୁତି ଚାଲିଥିବା ବେଳେ ଜଣେ ଯୁବତୀ ନିଜ ପ୍ରେମିକ ସହ ମିଶି ନିଜ ଭାବୀ ସ୍ୱାମୀଙ୍କୁ ପାହାଡ଼ରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଖବର ମୁତାବକ, କେତନ ଅଗ୍ରୱାଲ ଭାବିପତ୍ନୀ ସିୟା ଗୋୟଲଙ୍କ ସହିତ ଜନ୍ମଦିନ ଅବସରରେ ପୁଣେ ଲୋହାଗଡ଼ କିଲ୍ଲା ଉପରେ ଟ୍ରେକିଂ ପାଇଁ ଯାଇଥିଲେ । କିଲ୍ଲାରେ ଫଟୋ ଉଠାଇବା ବୁଲିବା ସହିତ କିଛି ସମୟ ଅତିବାହିତ କରିଥିଲେ । ଆଉ ସେଠାରେ ଫଟୋ ଉଠାଇବା ସମୟରେ କେତନଙ୍କ ପାଦ ଖସିଯାଇଥିଲା ଏବଂ ତାଙ୍କ ଜୀବନ ଚାଲିଯାଇଥିଲା । ପ୍ରଥମେ ଏହାକୁ ଏକ ଦୁର୍ଘଟଣା କୁହାଯାଉଥିବା ବେଳେ ପୋଲିସ ତଦନ୍ତ ପରେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଛି । ପ୍ରେମିକ ସହିତ ମିଶି ସିୟା ୨୪ ବର୍ଷୀୟ କେତନ ଅଗ୍ରୱାଲଙ୍କ ହତ୍ୟା କରିଥିବା ଅଭିଯୋଗ ହେଉଛି ।

# ମେସି ମ୍ୟାଜିକ୍: ବିଶ୍ୱକପ ଇତିହାସରେ ସର୍ବାଧିକ୍ ଗୋଲ୍ ସ୍କୋର କଲେ



ନୂଆଦିଲ୍ଲୀ, ୨୩।୦୬; ଚଳିତ ବିଶ୍ୱକପ୍‌ରେ ଆର୍ଜେଣ୍ଟିନା ଅଧିନାୟକ ଲିଓନେଲ ମେସି ଆଉ ଏକ ରେକର୍ଡ ଭଙ୍ଗ କରିଛନ୍ତି । ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାମରେ ୧୨ ବର୍ଷ ଧରି ବଜାୟ ରହିଥିବା ସର୍ବାଧିକ ବିଶ୍ୱକପ୍ ଗୋଲ୍ ରେକର୍ଡ ଭଙ୍ଗ କରିଛନ୍ତି ମେସି । ସୋମବାର ଅନୁଷ୍ଠିତ ଅଷ୍ଟ୍ରିୟା ବିପକ୍ଷ ମ୍ୟାଚରେ ସେ ୨ଟି ଗୋଲ୍ କରିଥିଲେ । ତାଙ୍କର ଏହି ଗୋଲ ବଳରେ ଆର୍ଜେଣ୍ଟିନା ୨-୦ ଗୋଲ୍‌ରେ ବିଜୟ ହାସଲ କରି ନକ୍ ଆଉଟ୍ (ରାଉଣ୍ଡ-୩୨)ରେ ସ୍ଥାନ ପକ୍କା କରିଥିଲା । ବିଶ୍ୱକପ୍‌ରେ ମେସିଙ୍କ ଗୋଲ୍ ସଂଖ୍ୟା ୧୮ରେ ପହଞ୍ଚି ଯାଇଥିଲା । ମେସି ଚଳିତ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ୧୩ଟି ଗୋଲ୍ କରିସାରିଥିଲେ । ଆଲଜେରିଆ ବିପକ୍ଷ ପ୍ରଥମ ମ୍ୟାଚରେ ହ୍ୟାଟ୍ରିକ୍ ଗୋଲ୍ କରିବା ସହ ଅଷ୍ଟ୍ରିୟା ବିପକ୍ଷରେ ଆଉ ୨ଟି ଗୋଲ କରି ନୂଆ ରେକର୍ଡ ସ୍ଥାପନ କରିଥିଲେ । ସେ ପ୍ରଥମେ (ଦଶମ ମିନିଟ୍) ଏକ ପେନାଲ୍ଟି ହାତଛଡା କରିଥିଲେ । ମାତ୍ର ୩୮ତମ ମିନିଟ୍‌ରେ ଫିଲ୍ଡ ଗୋଲ୍ ଦେଇ ସେ କ୍ଲୋଜଙ୍କ ରେକର୍ଡ ଭାଙ୍ଗିଥିଲେ । ପୁନର୍ବାର ୯୦+୫ତମ ମିନିଟ୍‌ରେ ଦ୍ୱିତୀୟ ଗୋଲ୍ ଦେଇ ସେ ନିଜ ଗୋଲ୍ ସଂଖ୍ୟା ୧୮କୁ ବୃଦ୍ଧି କରିଥିଲେ ।

ସୂଚନାଯୋଗ୍ୟ, ମେସି ରେକର୍ଡ ଷଷ୍ଠ ବିଶ୍ୱକପ୍ ଖେଳୁଛନ୍ତି ଓ ୨ଟି ମ୍ୟାଚରେ ମୋଟ୍ ୫ଟି ଗୋଲ କରିସାରିଛନ୍ତି । ବିଶ୍ୱର ତୃତୀୟ ଖେଳାଳି ଭାବେ ମେସି କ୍ରମାନ୍ୱୟରେ ୬ଟି ବିଶ୍ୱକପ୍ ମ୍ୟାଚରେ ଗୋଲ୍ କରିବାରେ ରେକର୍ଡ କରିଛନ୍ତି । ତାଙ୍କ ଗୋଲ୍ ଅଭିଯାନ ଆରମ୍ଭ ହୋଇଥିଲା ୨୦୨୨ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ରାଉଣ୍ଡ-୧୬ ମ୍ୟାଚରୁ । ଉକ୍ତ ମ୍ୟାଚରେ ସେ ଗୋଟିଏ ଗୋଲ ଦେଇଥିଲେ । ଆର୍ଜେଣ୍ଟିନା ୨-୧ ଗୋଲ୍‌ରେ ବିଜୟ ହାସଲ କରିଥିଲା। ଏହାପରେ ସେ ନେଦରଲାଣ୍ଡ୍ସ ବିପକ୍ଷ କ୍ୱାର୍ଟର ଫାଇନାଲ୍‌ରେ ଗୋଟିଏ ଗୋଲ୍ କରିଥିଲେ ଓ ଅନ୍ୟ ଏକ ଗୋଲ୍ ସହାୟତା କରିଥିଲେ । ପରବର୍ତ୍ତୀ କ୍ରୋଏସିଆ ବିପକ୍ଷ ସେମି ଫାଇନାଲ୍‌ରେ ସେ ଏକ ପେନାଲ୍ଟିକୁ ଗୋଲରେ ପରିଣତ କରିଥିଲେ । ଫ୍ରାନ୍ସ ବିପକ୍ଷ ଫାଇନାଲ୍‌ରେ ସେ ୨ଟି ଗୋଲ୍ ଦେଇଥିଲେ । ଚଳିତ ବିଶ୍ୱକପ୍‌ରେ ସେ କ୍ରମାନ୍ୱୟରେ ୨ଟି ମ୍ୟାଚରେ ଗୋଲ୍ କରିଛନ୍ତି । ମେସିଙ୍କ ପୂର୍ବରୁ ୧୯୫୮ ବିଶ୍ୱକପ୍‌ରେ ଫ୍ରାନ୍ସର ଜଷ୍ଟ ଫଣ୍ଟେନ ଓ ୧୯୭୦ ବିଶ୍ୱକପ୍‌ରେ ଜର୍ଜିନୋ କ୍ରମାନ୍ୱୟରେ ୬ଟି ମ୍ୟାଚରେ ଗୋଲ୍ କରିଥିଲେ । ଫଣ୍ଟେନ ଉକ୍ତ ବିଶ୍ୱକପ୍‌ରେ ମୋଟ ୧୩ଟି ଗୋଲ୍ କରିଥିଲେ ।

ନକ୍‌ଆଉଟ୍‌ରେ ଆର୍ଜେଣ୍ଟିନା- ସବୁ ଆଲୋଚକଙ୍କୁ ଭୁଲ ପ୍ରମାଣିତ କରି ଲିଓନେଲ ମେସି ଚଳିତ ବିଶ୍ୱକପ୍ରେ ରେକର୍ଡ ପରେ ରେକର୍ଡ ଭଙ୍ଗ କରି ଚାଲିଛନ୍ତି । ଷଷ୍ଠ ବିଶ୍ୱକପ୍ ଖେଳୁଥିବା ମେସି ଆଉ ମାତ୍ର ୨ ଦିନ ପରେ ୩୯ ବର୍ଷରେ ପଦାର୍ପଣ କରିବେ । ଯେଉଁ ବୟସରେ ଖେଳାଳିମାନେ ଫିଟ୍‌ନେସ୍ ହରାଇ ଅବସର ଜୀବନ କଟାନ୍ତି ସେହି ବୟସରେ ସେ ଯୁବ ଖେଳାଳିଙ୍କ ଭଳି ଖେଳ ପ୍ରଦର୍ଶନ କରି ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ବିଶ୍ୱକପରେ ସର୍ବାଧିକ ମ୍ୟାଚ ଖେଳିବା ସହ ମେସି ସର୍ବାଧିକ ଗୋଲ୍ ସ୍କରର ଭାବେ ନୂଆ ରେକର୍ଡ ସ୍ଥାପନ କରିଛନ୍ତି । ଜର୍ମାନୀର ମିରୋସ୍ଲାଭ କ୍ଲୋଜଙ୍କ ନାମରେ ୨୦୧୪ରୁ ରହିଥିବା ସର୍ବାଧିକ ବିଶ୍ୱକପ୍ ଗୋଲ୍ ରେକର୍ଡ (୧୬ ଗୋଲ୍) ଭାଙ୍ଗିବା ସହ ସେ ମୋଟ୍ ୧୮ଟି ଗୋଲ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ଅଷ୍ଟ୍ରିୟା ବିପକ୍ଷ ଗ୍ରୁପ୍-ଜେ'ର ଏକ ମ୍ୟାଚରେ ମେସି ଡବଲ ଗୋଲ୍ କରିବା ଫଳରେ ଆର୍ଜେଣ୍ଟିନା ୨-୦ ଗୋଲରେ ବିଜୟ ହାସଲ କରି ନକ୍ ଆଉଟ୍‌ରେ ସ୍ଥାନ ପକ୍କା କରିଛି ।

# ଝଟ୍‌କା : ୟୁକେ ଗସ୍ତରେ ଯିବେନି ନୀତୀଶ ରେଡ୍ଡୀ

ନୂଆଦିଲ୍ଲୀ, ୨୩।୬: ଭାରତୀୟ କ୍ରିକେଟ୍ ଦଳକୁ ଆଉ ଏକ ବଡ଼ ଝଟ୍‌କା ଲାଗିଛି । ଅଲ୍‌ରାଉଣ୍ଡର୍ ନୀତୀଶ କୁମାର ରେଡ୍ଡୀ ଆହତ ହୋଇଥିବାରୁ ଆଗାମୀ ୟୁକେ ଗସ୍ତରୁ ବାଦ୍ ପଡ଼ିଛନ୍ତି । ଫଳରେ ଇଂଲଣ୍ଡ ଓ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯିବାକୁ ଥିବା ଦିନିକିଆ ଓ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ସେ ଅଂଶଗ୍ରହଣ କରିପାରିବେ ନାହିଁ ।



ସୂଚନା ଅନୁଯାୟୀ, ନୀତୀଶ କ୍ୱାଡ୍ରିସେପ୍ ଚୋଟରେ ପୀଡ଼ିତ ହୋଇଛନ୍ତି । ଏହି ଚୋଟରୁ ସମ୍ପୂର୍ଣ୍ଣ ସୁସ୍ଥ ହେବା ପାଇଁ ତାଙ୍କୁ ଅତିକମରେ ଚାରି ସପ୍ତାହ ସମୟ ଲାଗିବ । ଆଫଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳା ସମୟରେ ସେ ଆହତ ହୋଇଥିଲେ । ପ୍ରାରମ୍ଭରେ ଚୋଟଟି ଗୁରୁତର ନୁହେଁ ବୋଲି ଭାବାଯାଉଥିଲା, କିନ୍ତୁ ପରବର୍ତ୍ତୀ ପରୀକ୍ଷାରୁ ଏହା ଅଧିକ ଗମ୍ଭୀର ବୋଲି ଜଣାପଡ଼ିଥିଲା । ଉଲ୍ଲେଖଯୋଗ୍ୟ ଯେ, ହାର୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ନୀତୀଶ ରେଡ୍ଡୀ ଦଳର ପ୍ରମୁଖ ଅଲ୍‌ରାଉଣ୍ଡର୍ ଭାବେ ଉଭା ହୋଇଥିଲେ । ତେବେ ବର୍ତ୍ତମାନ ହାର୍ଦିକ ଓ ନୀତୀଶ ଉଭୟଙ୍କ ଅନୁପସ୍ଥିତି ଦଳ ପାଇଁ ଚିନ୍ତାର ବିଷୟ ହୋଇଛି ।

ନୀତୀଶ ବର୍ତ୍ତମାନ ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଚିକିତ୍ସାଧୀନ ରହିବା ସହ ପୁନଃଥଇଥାନ କାର୍ଯ୍ୟକ୍ରମରେ ସାମିଲ ହେବେ ।

ଭାରତ ପାଇଁ ନୀତୀଶ କୁମାର ରେଡ୍ଡୀ ଏ ପର୍ଯ୍ୟନ୍ତ ୧୦ଟି ଟେଷ୍ଟ, ୬ଟି ଦିନିକିଆ ଏବଂ ୪ଟି ଟ୍ୱେଣ୍ଟି-୨୦ ମ୍ୟାଚ୍ ଖେଳି ସାରିଛନ୍ତି ।

# ଦିଲ୍ଲୀ ଫେରିଲେ ପନ୍ତ, ଲକ୍ଷ୍ନୌ ଗଲେ କୁଲଦୀପ

ନୂଆଦିଲ୍ଲୀ, ୨୩।୬: ୨୦୨୭ ଆଇପିଏଲ ପୂର୍ବରୁ ଦେଖିବାକୁ ମିଳିଛି ବଡ ଧରଣର ଟ୍ରେଡ ଡିଲ । ରେକର୍ଡ ୨୭ କୋଟିରେ ଲକ୍ଷ୍ନୌ ସୁପର ଜାଏଣ୍ଟସରେ ସାମିଲ ହୋଇଥିବା ଋଷଭ ପନ୍ତଙ୍କ ଠିକଣା ବଦଳି ଯାଇଛି । ସେ ନିଜର ପୁରୁଣା ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସକୁ ଫେରିଛନ୍ତି । ୨୦୨୭ ଠାରୁ ସେ ଦିଲ୍ଲୀ ପାଇଁ ଖେଳିବେ । ସେହିପରି ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଖେଳି ଆସୁଥିବା ଚାଇନାମ୍ୟାନ କୁଲଦୀପ ଯାଦବଙ୍କ ଠିକଣାରେ ମଧ ପରିବର୍ତ୍ତନ ହୋଇଛି । ପନ୍ତ ଦିଲ୍ଲୀକୁ ଆସିଥିବା ବେଳେ କୁଲଦୀପ ଲକ୍ଷ୍ନୌକୁ ଯାଇଛନ୍ତି । ଦୁଇ ଫ୍ରାଞ୍ଚାଇଜ ଟ୍ରେଡ ଡିଲ ବଦଳରେ ଏପରି ଅଦଳବଦଳ କରିଛନ୍ତି । ଦୁଇ ଫ୍ରାଞ୍ଚାଇଜ ମଧ୍ୟରେ ଟ୍ରେଡ ଡିଲ ଚୂଡାନ୍ତ ହୋଇଥିବା ମଙ୍ଗଳବାର ଅପରାହ୍ନରେ ଆଇପିଏଲ ଗଭର୍ଣ୍ଣିଂ କାଉନସିଲ ପକ୍ଷରୁ ନିଶ୍ଚିତ କରାଯାଇଛି । ଗୋଟିଏ ପ୍ରେସ ବିବୃତିରେ କୁହାଯାଇଛି ଯେ "ପନ୍ତ ସେହି ଫ୍ରାଞ୍ଚାଇଜକୁ ଫେରିବାକୁ ଯାଉଛନ୍ତି ଯେଉଁଠାରେ ସେ ୨୦୧୬ରୁ ୨୦୨୪ ଅର୍ଥାତ ୯ଟି ସଂସ୍କରଣ ଖେଳିଥିଲେ । ସେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୧୧୧ଟି ମ୍ୟାଚ୍ ଖେଳିଛନ୍ତି । ଏବେ ସେ ପୁଣି ଦିଲ୍ଲୀକୁ ଫେରିଛନ୍ତି । ଦିଲ୍ଲୀ ପାଇଁ ସେ ୪୩ଟି ମ୍ୟାଚ୍‌ରେ କମାଣ ମଧ ସମ୍ଭାଳିଥିଲେ । ୨୦୨୧ରୁ ୨୦୨୪ ଯାଏ ସେ ଦିଲ୍ଲୀର କ୍ୟାପ୍‌ଟେନ ରହିଥିଲେ ।" ୨୦୨୫ ଆଇପିଏଲ ପୂର୍ବରୁ ପନ୍ତ ୨୭ କୋଟିରେ କିଣା ହୋଇଥିଲେ । କିନ୍ତୁ ଦିଲ୍ଲୀ କ୍ୟାପିଟାଲ୍ସକୁ ସେ ସଂଶୋଧିତ ୧୫ କୋଟି ଟଙ୍କାରେ ଫେରିଛନ୍ତି । ଅନ୍ୟପକ୍ଷରେ କୁଲଦୀପ ଯାଦବ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ୫ଟି ସଂସ୍କରଣ ଖେଳିବା ପରେ ଲକ୍ଷ୍ନୌରେ ସାମିଲ ହେବାକୁ ଯାଉଛନ୍ତି । ଦିଲ୍ଲୀକୁ ୨୦୨୨ରେ ଆସିଥିବା କୁଲଦୀପ ୬୫ଟି ମ୍ୟାଚରେ ୭୨ଟି ୱିକେଟ ନେଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । କୁଲଦୀପ ତାଙ୍କର ଧାର୍ଯ୍ୟ ପାଉଣା ୧୩.୫୦ କୋଟିରେ ଲକ୍ଷ୍ନୌରେ ସାମିଲ ହୋଇଛନ୍ତି । ପନ୍ତଙ୍କ ଧାର୍ଯ୍ୟ ଓ ବର୍ତ୍ତମାନର ଫି' ମଧ୍ୟରେ ପାର୍ଥକ୍ୟର ଅର୍ଥ ହେଉଛି ଯେ ଲକ୍ଷ୍ନୌ ପର୍ସରେ ଅତିରିକ୍ତ ୧୩.୭୫ କୋଟି ଟଙ୍କା ରହିବ । କାରଣ ଲକ୍ଷ୍ନୌ ପନ୍ତଙ୍କୁ ୨୭ କୋଟିରେ ନେଇଥିଲା । ତାଙ୍କୁ ଦଳ ଛାଡି କୁଲଦୀପଙ୍କୁ ୧୩.୨୫ କୋଟିରେ କିଣିଲା । ଅର୍ଥାତ ଦଳ ଆଗାମୀ ଅକ୍ସନରେ ଅତିରିକ୍ତ ୧୩.୭୫ କୋଟି ସହ ନିଲାମ ଡାକିବ । ଦିଲ୍ଲୀ ପନ୍ତଙ୍କୁ ୧୫ କୋଟିରେ ନେଇଛି । ଏହା କୁଲଦୀପଙ୍କ ୧୩.୨୫ କୋଟି ତୁଳନାରେ ୧.୨୫ କୋଟି ଅଧିକ । ତେଣୁ ଦିଲ୍ଲୀ ପର୍ସରୁ ଅତିରିକ୍ତ ୧.୨୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।



# ପ୍ରସ୍ତୁତ ହେଉଛନ୍ତି ସୂର୍ଯ୍ୟବଂଶୀ

ମୁମ୍ବାଇ: ଭାରତୀୟ କ୍ରିକେଟ୍‌ର ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ଭାରତୀୟ ବରିଷ୍ଠ ଦଳରେ ସାମିଲ ହେବା ପରେ ଆୟର୍ଲାଣ୍ଡ ଓ ଇଂଲଣ୍ଡ ଗସ୍ତ ପାଇଁ ପ୍ରସ୍ତୁତ ହେଉଛନ୍ତି । ତାଙ୍କୁ ବିସିସିଆଇ ପକ୍ଷରୁ ଭାରତୀୟ ଦଳର ନୀଳ ଜର୍ସି ପ୍ରଦାନ କରାଯାଇଛି । ଏହି ଜର୍ସିର ନମ୍ବର ହେଉଛି '୩' । ପୂର୍ବରୁ ହରଭଜନ ସିଂହ ଓ ସୁରେଶ ରାଇନା '୩' ନମ୍ବର ଜର୍ସି ପିନ୍ଧୁଥିଲେ ।

ଭାରତୀୟ ଦଳରେ ସାମିଲ ହେବା ନେଇ ନିଜ ପ୍ରତିକ୍ରିୟାରେ ବୈଭବ କହିଛନ୍ତି ଯେ "ଯେଉଁ ସ୍ୱପ୍ନ ଦେଖି କ୍ରିକେଟ୍ ବ୍ୟାଟ୍ ଧରିଥିଲି ଓ ପଡ଼ିଆକୁ ଓହ୍ଲାଇଥିଲି, ଆଜି ସେହି ସ୍ୱପ୍ନ ସାକାର ହୋଇଛି । ସେହି ଯାତ୍ରାର ସବୁଠୁ ବଡ଼ ପାହାଚ ପୂରଣ ହୋଇଛି । ଏହି ଅନୁଭବକୁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ । ଏହା ଏକ ସ୍ୱପ୍ନ ପରି ଲାଗୁଛି । ଯେଉଁ ସମୟରେ ଦଳର ଜର୍ସି ମୋ ହାତକୁ ଆସିଥିଲା, ମୁଁ ନିଜର ଆନନ୍ଦକୁ ରୋକି ପାରି ନଥିଲି । ବେଳେବେଳେ ଏପରି ଘଟଣା ଘଟିଥାଏ, ଯାହାକୁ ଆପଣ କଳ୍ପନା କରି ନଥିବେ, ତାହା ଯେତେବେଳେ ଘଟେ ଆପଣ ତାହାକୁ ଶବ୍ଦରେ ପ୍ରକାଶ କରିପାରବେ ନାହିଁ" ।

# ଫିଟନେସ୍ ଟେଷ୍ଟରେ ପାସ୍ କଲେ ବିରାଟ



ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଷ୍ଟାର କ୍ରିକେଟର ବିରାଟ କୋହଲି ଫିଟନେସ୍ ପରୀକ୍ଷାରେ ପାସ୍ କରିଛନ୍ତି । ବେଙ୍ଗାଲୁରୁ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପରୀକ୍ଷା କରାଯାଇଥିବା ବେଳେ ସଫଳ ହୋଇଛନ୍ତ କୋହଲି । ଭାରତର ଆଗାମୀ ଦିନିକିଆ ସିଜିନରେ ଇଂଲଣ୍ଡ ବିପକ୍ଷ ମ୍ୟାଚରେ ଆସିବେ ନଜର । ହାମଷ୍ଟ୍ରିଙ୍ଗ୍ ଆଘାତରେ ପୀଡ଼ିତ ଥିବା ବିରାଟ ଆଫଗାନିସ୍ତାନ ବିପକ୍ଷ ଦିନିକିଆ ମୁକାବିଲାରୁ ବାଦ୍ ପଡ଼ିଥିଲେ । ସେ ଦଳରେ ସ୍ଥାନ ପକାଇଥିବାବେଳେ ଆଘାତ କାରଣରୁ ଖେଳିନଥିଲେ । ଆଇପିଏଲ ସମୟରେ ଆହତ ହୋଇଥିଲେ ବିରାଟ । ଏବେ ଫିଟ୍ ହୋଇଥିବାବେଳେ ଇଂଲଣ୍ଡ ବିପକ୍ଷ ମୁକାବିଲା ଖେଳିବେ ବିରାଟ ।

ଯଦିଓ ବିରାଟ ଓଡିଆଇ କ୍ରିକେଟରେ ୫୪ଟି ଶତକ ମାରିଛନ୍ତି, କିନ୍ତୁ ସେ କେବଳ ଇଂଲଣ୍ଡ ମାଟିରେ ଗୋଟିଏ ଶତକ ମାରିପାରିଛନ୍ତି । ବିରାଟ କୋହଲି ଶେଷ ଥର ପାଇଁ ୧୫ ବର୍ଷ ପୂର୍ବେ ୨୦୧୧ ମସିହାରେ ଇଂଲଣ୍ଡରେ ଏକଦିବସୀୟ ଶତକ ମାରିଥିଲେ । କାର୍ଡିଫରେ ଖେଳାଯାଇଥିବା ସେହି ମ୍ୟାଚ୍‌ରେ ବିରାଟ କୋହଲି ୯୩ ବଲ୍‌ରେ ୧୦୭ ରନ୍ କରିଥିଲେ, ଯଦିଓ ଟିମ୍ ଇଣ୍ଡିଆ ମ୍ୟାଚ୍ ହାରିଯାଇଥିଲା । ଡକଓ୍ୱର୍ଥ-ଲୁଇସ୍ ନିୟମ ଅନୁଯାୟୀ, ଇଂଲଣ୍ଡ ମ୍ୟାଚ୍ ଜିତିଥିଲା । କିନ୍ତୁ ଏବେ ବିରାଟ କୋହଲି ଇଂଲଣ୍ଡ ଓଡିଆଇ ସିରିଜ୍‌ରେ ଏକ ଶତକ ମାରି ତାଙ୍କ ଦଳକୁ କେବଳ ମ୍ୟାଚ୍ ନୁହେଁ ବରଂ ସିରିଜ୍ ଜିତିବାରେ ସାହାଯ୍ୟ କରିବାକୁ ଚାହାଁନ୍ତି । ୧୫ ବର୍ଷର ଅପେକ୍ଷାର ଅନ୍ତ ହେବ ବୋଲି କୁହାଯାଉଛି । ବିରାଟ ପୁଣି ଶତକ ହାସଲ କରିବେ ବୋଲି କୁହାଯାଉଛି ।

ଇଂଲଣ୍ଡରେ ବିରାଟ କୋହଲିଙ୍କର ଏକ ପ୍ରଭାବଶାଳୀ ରେକର୍ଡ ଅଛି । ସେ ଇଂଲଣ୍ଡରେ ମୋଟ ୩୩ଟି ଦିନିକିଆ ଖେଳି ୫୧.୮୮ ହାରରେ ୧୩୪୯ ରନ କରିଛନ୍ତି । ସେ ଗୋଟିଏ ଶତକ ଏବଂ ୧୨ଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଇଂଲଣ୍ଡରେ ସେ ଦୁଇଥର ୦ ରେ ଆଉଟ ହୋଇଛନ୍ତି । ବିରାଟ କୋହଲିଙ୍କ ଓଡିଆଇ ଫର୍ମ ପ୍ରଭାବଶାଳୀ । ତାଙ୍କର ଶେଷ ସାତଟି ଓଡିଆଇ ମ୍ୟାଚ୍‌ରେ ସେ ତିନୋଟି ଶତକ ଏବଂ ତିନୋଟି ଅର୍ଦ୍ଧଶତକ ହାସଲ କରିଛନ୍ତି । ଏହି ବର୍ଷ ସେ ୮୦ ହାରରେ ୨୪୦ ରନ୍ କରିଛନ୍ତି । ଗତ ବର୍ଷ ସେ ୬୫.୧ ହାରରେ ୬୫୧ ରନ୍ କରିଥିଲେ ।

# ଜିଲ୍ଲାପାଳଙ୍କ କ୍ରୀଡ଼ା ପ୍ରକଳ୍ପ ଅଗ୍ରଗତି ଅନୁଧ୍ୟାନ

ମାଲକାନଗିରି, ୨୩।୬: ମାଲକାନଗିରି ଜିଲ୍ଲାର ସ୍ଥାନୀୟ ଯୁବପିଢ଼ି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରରେ ଉପଯୁକ୍ତ ସୁଯୋଗ ଯୋଗାଇଦେବା ପାଇଁ ଭିତ୍ତିଭୂମିର ବିକାଶ କାର୍ଯ୍ୟ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଏବଂ ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ୍ ଏଚ୍ ମିଳିତ ଭାବେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଛନ୍ତି । ସେଠାରେ ନିର୍ମାଣାଧୀନ କ୍ରୀଡ଼ା ପ୍ରକଳ୍ପର କାର୍ଯ୍ୟ କେତେଦୂର ଆଗେଇଛି, ସେ ସମ୍ପର୍କରେ ଜିଲ୍ଲାପାଳ କ୍ଷେତ୍ର ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ଏହି ପ୍ରକଳ୍ପର ସମସ୍ତ କାର୍ଯ୍ୟକୁ ଉଚ୍ଚ ଗୁଣବତ୍ତା ବଜାୟ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ସେମାନେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖେଳାଳିମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କ୍ରୀଡ଼ା ପରିସରରେ ସମସ୍ତ ପ୍ରାଥମିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଛି । ସକାଳ ଓ ସନ୍ଧ୍ୟା ସମୟରେ ନିୟମିତ ଅଭ୍ୟାସ ପାଇଁ ସମଗ୍ର ପରିସରରେ ଆଧୁନିକ ଲାଇଟିଂ ଏବଂ ହାଇ-ମାଷ୍ଟ ଲାଇଟ୍‌ର ସଂଯୋଗ କରାଯାଉଛି । ଏହା ସହିତ ଖେଳପଡ଼ିଆର ଚାରିପାଖ ପରିବେଶକୁ ସ୍ୱଚ୍ଛ ଓ ଆକର୍ଷଣୀୟ ରଖିବା ପାଇଁ ବ୍ୟାପକ ଶୋଭାବର୍ଦ୍ଧନକାରୀ ବୃକ୍ଷରୋପଣ କରାଯାଉଛି । ଏଠାରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଟ୍ରାକ୍, ଆଉଟଡୋର ଗ୍ରାଉଣ୍ଡ ଏବଂ ଇନଡୋର ଗେମ୍ସ ପାଇଁ ଆବଶ୍ୟକୀୟ ବୁନିଆଦି କ୍ରୀଡ଼ା ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି । ମାଲକାନଗିରିର ଗ୍ରାମାଞ୍ଚଳ ଓ ଜନଜାତି ପିଲାଙ୍କ ମଧ୍ୟରେ ସ୍ୱାଭାବିକ କ୍ରୀଡ଼ା ଦକ୍ଷତା ରହିଥିବାରୁ ଏହି ପରିସର ସେମାନଙ୍କୁ ନିୟମିତ ଅଭ୍ୟାସ ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନ ଓ ବୁନିଆଦି ସୁବିଧା ଯୋଗାଇଦେବ । ଏକ ବ୍ୟବସ୍ଥିତ ଗ୍ରାଉଣ୍ଡ ଉପଲବ୍ଧ ହେବା ଦ୍ୱାରା ସ୍ଥାନୀୟ କୋଚ୍ ଏବଂ କ୍ରୀଡ଼ା ଶିକ୍ଷକମାନେ ପିଲାମାନଙ୍କୁ ସଠିକ୍ କୌଶଳ ଶିଖାଇବାରେ ସହଜ ହେବ । ଉପଯୁକ୍ତ ପରିବେଶ ମିଳିବା ଦ୍ୱାରା ଏଠାରେ ଥିବା ଖେଳାଳିମାନେ ଜିଲ୍ଲା ଓ ରାଜ୍ୟ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ନିଜକୁ ଭଲ ଭାବେ ପ୍ରସ୍ତୁତ କରିପାରିବେ । ନିରୀକ୍ଷଣ ସମୟରେ ମାଲକାନଗିରି ଜିଲ୍ଲାପାଳ କହିଛନ୍ତି ଯେ, ମାଲକାନଗିରିର ଯୁବପିଢ଼ିଙ୍କ ମଧ୍ୟରେ କ୍ରୀଡ଼ା ପ୍ରତି ବେଶ୍ ଉତ୍ସାହ ରହିଛି । ଇଏମଆରଏସ ପରିସରରେ ନିର୍ମାଣ ହେଉଥିବା ଏହି କ୍ରୀଡ଼ା ପ୍ରକଳ୍ପ ଆମ ଜନଜାତି ଛାତ୍ରଛାତ୍ରୀମାନଙ୍କୁ ଅଭ୍ୟାସ କରିବା ପାଇଁ ଏକ ସଠିକ୍ ମଞ୍ଚ ପ୍ରଦାନ କରିବ । କାର୍ଯ୍ୟର ଗୁଣବତ୍ତା ସହିତ କୌଣସି ବୁଝାମଣା କରାଯିବ ନାହିଁ ଏବଂ ଏହାକୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ । ଏହି ଉଚ୍ଚସ୍ତରୀୟ ଗସ୍ତ ସମୟରେ ଆଇ.ଟି.ଡି.ଏ. ର ପ୍ରକଳ୍ପ ପ୍ରଶାସକ ହଳଧର ଶବର ମଧ ଉପସ୍ଥିତ ଥିଲେ, ଯିଏ କି ଚାଲିଥିବା କାର୍ଯ୍ୟର ବୈଷୟିକ ଦିଗ ବିଷୟରେ ସୂଚନା ଦେଇଥିଲେ । ସ୍ଥାନୀୟ କ୍ରୀଡ଼ା ବିଭାଗ ଏବଂ ନିର୍ମାଣ ଦାୟିତ୍ୱରେ ଥିବା ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଜିଲ୍ଲା ପ୍ରଶାସନ ତରଫରୁ ଦିଗ୍‌ଦର୍ଶନ ଦିଆଯାଇଛି ।



# ଜର୍ମାନୀକୁ ଝଟ୍‌କା: ସ୍ଲୋଟରବେକ୍ ବାଦ୍

ନୂଆଦିଲ୍ଲୀ: ଚଳିତ ଫିଫା ବିଶ୍ୱକପ୍‌ରେ ଜର୍ମାନୀକୁ ବଡ ଝଟ୍‌କା ଲାଗିଛି । ଏହି ଦଳ ପ୍ରମୁଖ ରକ୍ଷଣଭାଗ ଖେଳାଳି ନିକୋ ସ୍‌ଲୋଟରବେକ୍‌ଙ୍କ ଗୋଇଠିରେ ଗୁରୁତର ଆଘାତ ଲାଗିବା ପରେ ଚଳିତ ବିଶ୍ୱକପ୍‌ରୁ ବାଦ୍ ପଡିଛନ୍ତି ସେ । ଶନିବାର ଗ୍ରୁପ୍-ଇ'ର ଆଇଭରିକୋଷ୍ଟ ବିପକ୍ଷ ଦ୍ୱିତୀୟ ମ୍ୟାଚ୍ ଆରମ୍ଭର କିଛି ସମୟ ମଧ୍ୟରେ ସ୍‌ଲୋଟରବେକ୍ ଆହତ ହୋଇଥିଲେ । ସେହି ଯନ୍ତ୍ରଣାରେ ସେ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଖେଳିଥିଲେ । ପ୍ରଥମାର୍ଦ୍ଧ ପରେ ଆଣ୍ଟୋନିଓ ରୁଏଡିଜର ବଦଳ ଖେଳାଳି ଭାବେ ପଡିଆରେ ପ୍ରବେଶ କରିଥିଲେ ।

ଏହି ମ୍ୟାଚ୍‌କୁ ଜର୍ମାନୀ ୨-୧ରେ ଜିତି ନକ୍‌ଆଉଟ୍ ସ୍ଥାନ ନିଶ୍ଚିତ କରିଥିଲା । ରବିବାର ସ୍‌ଲୋଟରବେକ୍‌ଙ୍କ ସ୍କାନ୍ ପରେ ତାଙ୍କ ବାମ ଗୋଇଠି ଲିଗାମେଣ୍ଟ୍‌ରେ ସମସ୍ୟା ଥିବା ଜଣା ପଡିଥିଲା । ସୁସ୍ଥ ହେବାକୁ ମାସେରୁ ଅଧିକ ଲାଗିଯିବ । ତେଣୁ ପୂରା ପ୍ରତିଯୋଗିତାରୁ ତାଙ୍କୁ ବାଦ୍ ଦିଆଯାଇଛି । ପ୍ରତିଯୋଗିତା ଆରମ୍ଭ ହୋଇଥିବାରୁ ତାଙ୍କ ସ୍ଥାନରେ କେଣସି ଖେଳାଳିଙ୍କୁ ପ୍ରଶିକ୍ଷକ ଜୁଲିଆନ୍ ନାଗେଲ୍ସମ୍ୟାନ୍ ନେଇ ପାରିବେ ନାହିଁ । "ସେ ଜଣେ ଭଲ ଡିଫେଣ୍ଡର । ତାଙ୍କୁ ଆମେ ଫିଲ୍ଡରେ ନିଶ୍ଚିତ ମିସ୍ କରିବୁ । ଖେଳିବେନି ହେଲେ ସେ ଦଳ ସହ ରହିବେ । ପିଚ୍ ବାହାରେ ତାଙ୍କ ଉପସ୍ଥିତ ଆମ ଖେଳାଳିଙ୍କ ମନୋବଳ ବାଢ଼ବ । ଆମ ପାଖରେ ଏବେ ସେଣ୍ଟ୍ରୋଲ ଡିଫେଣ୍ଡର ଜୋନାଥନ ତା, ଆଣ୍ଟୋନିଓ ରୁଏଡଗର, ୱାଲଡର ଆଣ୍ଟୋନ ଓ ମଲିକ ଥିଓ ଥିବାରୁ ଅସୁବିଧା ହେବନି" ବୋଲି ପ୍ରଶିକ୍ଷକ କହିଛନ୍ତି ।



## ଆଇସିସି ପ୍ରସ୍ତୁତ କରୁଛି ଖସଡା

# ମାତୃତ୍ୱ ପରେ ଭଲରେ ଫେରିପାରିବେ କ୍ରିକେଟର

ନୂଆଦିଲ୍ଲୀ: ମାତୃତ୍ୱ ପରେ ଖେଳ ପଡିଆକୁ ଫେରିବା ପ୍ରତିଟି ମହିଳା କ୍ରୀଡାବିତ୍ ପାଇଁ ଅନେକ ଆହ୍ୱାନ ଆଣିଥାଏ । ତେବେ ମହିଳା କ୍ରିକେଟର୍‌ଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଖୁବ୍ ଶୀଘ୍ର ଏକ ଖସଡା ପ୍ରସ୍ତୁତ କରିବାକୁ ଯାଉଛି । ପ୍ରସବ ପରବର୍ତ୍ତୀ ପୁନଃଥଇଥାନ, ବ୍ୟବସ୍ଥିତ ତାଲିମ, ପ୍ରତ୍ୟାବର୍ତ୍ତନ ପୂର୍ବରୁ ୧୬ ସପ୍ତାହ ବିଶିଷ୍ଟ ବ୍ୟବଧାନକୁ ନେଇ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରିବାକୁ ଯାଉଛି ଆଇସିସି । ଡାକ୍ତରୀ ସମୀକ୍ଷା, ମନସ୍ତାତ୍ତ୍ୱିକ ସମର୍ଥନ, ଆବଶ୍ୟକ ତାଲିମ ଏବଂ ଏହାର ପରିଚାଳନା ଆଦିକୁ ନଜରରେ ରଖି ଆଇସିସି ଏକ ବିସ୍ତୃତ ଖସଡା ପ୍ରସ୍ତୁତ କରିବ ବୋଲି ଜଣାପଡିଛି ।

ଜଣେ ସମର୍ପିତ 'କେସ୍ ମ୍ୟାନେଜର' ନିଯୁକ୍ତ ହେବେ ଯିଏ ପ୍ରସବ ପରବର୍ତ୍ତୀ ମହିଳା କ୍ରିକେଟରଙ୍କ ପ୍ରତ୍ୟାବର୍ତ୍ତନକୁ ପରିଚାଳନା କରିବେ । କେସ୍ ମ୍ୟାନେଜର ଜଣଙ୍କ ଡାକ୍ତର କିମ୍ବା ଫିଜିଓଥେରାପିଷ୍ଟ ହୋଇଥିବେ ବୋଲି କୁହାଯାଇଛି । ଯେଭଳି କେଣସି ଖେଳାଳି ମାତୃତ୍ୱ ଓ ଦେଶର ପ୍ରତିନିଧିତ୍ୱ କରିବା ମଧ୍ୟରୁ ଗୋଟିଏକୁ ପସନ୍ଦ କରିବା ସ୍ଥିତିକୁ ନଯିବେ ସେଥି ପାଇଁ ଯୋଜନା ହେବ ବୋଲି ଆଇସିସି ଅଧ୍ୟକ୍ଷ ଜୟ ସାହା ପ୍ରକାଶ କରିଛନ୍ତି । ଖେଳାଳିଙ୍କୁ 'ବ୍ୟବହାରିକ, ଶାରୀରିକ ଓ ମନସ୍ତାତ୍ତ୍ୱିକ' ସମର୍ଥନ ସହିତ ସେମାନଙ୍କ ସ୍ଥାନୀୟ ନିୟମାବଳୀ ଭିତରେ ସେମାନଙ୍କ କଲ୍ୟାଣକୁ ଅଗ୍ରାଧିକାର ଦିଆଯିବ ବୋଲି ସାହ ପ୍ରକାଶ କରିଛନ୍ତି । ଭାରତର ଶ୍ରମ ଆଇନ ଆନୁସାରେ ଜଣେ ମହିଳାଙ୍କୁ ମାତୃତ୍ୱ ପାଇଁ ୬ ମାସର ବେତନସଂଯୁକ୍ତ ଛୁଟି ପ୍ରଦାନ କରାଯାଇଥାଏ ।

ମାତୃତ୍ୱ ଲାଭ ପରେ କ୍ରିକେଟ୍ ପଡିଆକୁ ଫେରିଥିବା କ୍ରିକେଟର୍‌ଙ୍କ ମଧ୍ୟରେ ଶ୍ରେଷ୍ଠ ଉଦାହରଣ ହେଉଛନ୍ତି ୱେଷ୍ଟଇଣ୍ଡିଜ୍‌ର ଆଫି ଫ୍ଲେଚର । ୨୦୨୧ ମସିହାରେ ସେ ପୁତ୍ର ସନ୍ତାନକୁ ଜନ୍ମ ଦେବା ପରେ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଖେଳୁଛନ୍ତି । ଗର୍ଭବତୀ ହେଉଥିବା ମହିଳା କ୍ରିକେଟରଙ୍କ ପାଇଁ ଆଇସିସିର ଏହି ଯୋଜନାକୁ ସେ ସ୍ୱାଗତ କରିଛନ୍ତି । ପରିବାରକୁ ଦେଖିବା ସହ ପ୍ରତ୍ୟାବର୍ତନ ପାଇଁ ଏହା ସୁଯୋଗ ଦେବ ବୋଲି ଫ୍ଲେଚର କହିଛନ୍ତି । ମା' ହେବା ପରେ କ୍ରିକେଟ୍‌କୁ ଫେରିବା ସମ୍ପର୍କରେ ଫ୍ଲେଚର କହିଥିଲେ 'ଶାରୀରିକ ଭାବେ ଏହା ଆହ୍ୱାନ ତ ଆଣିଥାଏ, କିନ୍ତୁ ଏହାଠାରୁ ଅଧିକ ସଂଘର୍ଷ ଥିଲା ପିଲା ସମୟ ସମୟ କାଟିବା ଏବଂ ମୂଲ୍ୟବାନ ସମୟସବୁକୁ ଧରି ରଖିବା' । ପ୍ରତି ଖେଳାଳିର ଜୀବନ ଯାତ୍ରା ଭିନ୍ନ, ସୁସ୍ଥ ରହିବା ଏବଂ ପ୍ରକ୍ରିୟାରେ ବିଶ୍ୱାସ ରଖିବା ପାଇଁ ଆପଣଙ୍କୁ ଦୃଢମନା ହେବାକୁ ପଡିବ' ଫ୍ଲେଚର୍ କହିଛନ୍ତି । ସୂଚନାଯୋଗ୍ୟ ଚଳିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଖେଳୁଥିବା ୩୯ ବର୍ଷୀୟା ଦ୍ରୁତ ବୋଲର ଫ୍ଲେଚର ଦେଶ ପାଇଁ ୯୫ ଦିନିକିଆ ଏବଂ ୧୧୧ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଖେଳି ଯଥାକ୍ରମେ ୧୧୯ ଓ ୧୦୫ ୱିକେଟ୍ ନେଇଛନ୍ତି ।




Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ